## ନିଯୁକ୍ତି ଦାବିରେ ଟିବିସିଏଲ କନଭେୟର ବେଲ୍ଟ ବନ୍ଦ କଲେ ଗ୍ରାମବାସୀ

ରାଜଗାଙ୍ଗପୁର,(ଡି.ଏନ.ଏ): ରାଜଗାଙ୍ଗପୁର ଡାଲମିଆ ଭାରତ ସିମେଣ୍ଟ ଲିମିଟେଡ କାରଖାନାକୁ ଲାଞ୍ଜିବେର୍ଣ୍ଣା ପଥର ଖଣିରୁ ଚୂନପଥର କନଭେୟର ବେଲ୍ଟ ଯୋଗେ କାରଖାନାକୁ ଆସିଥାଏ। ବୁଧବାର ଦିନ ୧୧ଟାରେ ପାଦା ନିକଟ ସିଟି ୯୦ରେ ସ୍ଥାନୀୟ ଗ୍ରାମବାସୀ ଉକ୍ତ କାରଖାନାରେ ନିଯୁକ୍ତି ଦାବିରେ କନଭେୟର ବେଲ୍ଟ ଯୋଗେ ହେଉଥିବା ପରିବହନକୁ ବନ୍ଦ କରି ଦେଇଥିଲେ। ଦୀର୍ଘ କିଛି ଘଣ୍ଟା ବିତିବା ପରେ ସନ୍ଧ୍ୟାରେ ସ୍ଥାନୀୟ ପୋଲିସ ପ୍ରଶାସନ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ସେଠାରେ ଉପସ୍ଥିତ ଜନତାଙ୍କ ସହିତ ବିଭିନ୍ନ ଚର୍ଚ୍ଚା ହେବା ସହ ତାଙ୍କୁ ବୁଝାଇବାରେ ସକ୍ଷମ ହୋଇଥିଲେ। ପରିସ୍ଥିତି ସାମାନ୍ୟ ହୋଇଯାଇଥିଲା। ଥାନାଧିକାରୀ ଗୋକୁଳାନନ୍ଦ ସାହୁ, ଏସଡିପିଓ ଯଶୋବନ୍ତ ସାମଲ, ତହସିଲଦାର ଶରତ ବାଗ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ଉପାଧ୍ୟାୟଙ୍କୁ ସମ୍ପାଦକ ଓ ରଞ୍ଜନଙ୍କୁ ନିମନ୍ତ୍ରିତ ସଦସ୍ୟ ଦାୟିତ୍ୱ

ବଡ଼ଗାଁ, ୧୭।୩ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବଡ଼ଗାଁର ଅବସରପ୍ରାପ୍ତ ଅଧାପକ ତଥା ଭାଜପାର ବରିଷ୍ଠ କର୍ମକର୍ତ୍ତା



ଉପାଧ୍ୟାୟ ପାଣିଗ୍ରାହୀଙ୍କୁ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଭାବେ ଚୟନ କରାଯାଇଥିଲା ବେଳେ ଦଳର ବରିଷ୍ଠ ନେତା ରଞ୍ଜନ ପଟେଲଙ୍କୁ କୃଷକ ମୋର୍ଚ୍ଚାର ନିମନ୍ତ୍ରିତ ସଦସ୍ୟ ଭାବେ ମନୋନୀତ କରାଯାଇଛି। ଉପାଧ୍ୟାୟ ଗତ ବିଧାନସଭା ନିର୍ବାଚନ ପୂର୍ବରୁ ସୁନ୍ଦରଗଡ ଜିଲା ସଙ୍ଗଠନ ସମ୍ପାଦକ ଦାୟୀତ୍ୱ ତୁଲାଇଥିଲା ବେଳେ କିଛି ମାସ ପାଇଁ ଝାରସୁଗୁଡା ଜିଲା କୃଷକ ମୋର୍ଚ୍ଚାର ପ୍ରଭାରୀ ଥିଲେ। ରାଜ୍ୟ ଭାଜପା ପକ୍ଷରୁ ତାଲିକା ପ୍ରକାଶ ପରେ ସମ୍ପାଦକ ପାଣିଗ୍ରାହୀଙ୍କୁ କର୍ମୀ, କର୍ମକର୍ତ୍ତା, ସମର୍ଥକମାନେ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଝାଡଖଣ୍ଡ, ଛତିଶଗଡ, ଓଡିଶା ରାଜ୍ୟରେ ଭାଜପା ସଙ୍ଗଠନ ଓ ନିର୍ବାଚନ ଦାୟୀତ୍ୱ ତୁଲାଇଥିବା ଅଭିଜ୍ଞ ବରିଷ୍ଠ ନେତା ରଞ୍ଜନ ପଟେଲଙ୍କୁ ନିମନ୍ତ୍ରିତ ସଦସ୍ୟ ଦାୟୀତ୍ୱ ଦିଆଯାଇଛି।

## ଗ୍ରାମ୍ୟ ଜଳଯୋଗାଣ ବିଭାଗର କର୍ମଚାରୀଙ୍କୁ ନିୟମିତ କରାଯାଉ

କୁତ୍ରା, ୧୭।୩(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ କାର୍ଯ୍ୟରତ ଗ୍ରାମ୍ୟ ଜଳଯୋଗାଣ ବିଭାଗର କେତେକ କର୍ମଚାରୀ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାମ କରିଆସୁଥିଲେ ମଧ ସେମାନେ ନିୟମିତ ହୋଇପାରିନାହାନ୍ତି। ହେଲପରମାନେ ପାଣି ମିସ୍ତ୍ରୀମାନଙ୍କ ସହିତ କାମ କରି ଅଭିଜ୍ଞ ହୋଇଥିଲେ ମଧ୍ୟ ସେମାନଙ୍କୁ ନିୟମିତ କରା ନ ଯାଇ ସ୍ୱଳ୍ପ ଅର୍ଥରେ ଖଟାଯାଉଛି। ସେହିଭଳି ରାତ୍ରି ଜଗୁଆଳି ମଧ ନିୟମିତ ହୋଇନାହାନ୍ତି। ପ୍ରତିବର୍ଷ ଗ୍ରୀଷ୍ମ ସମୟରେ ଜଳକଷ୍ଟ ଅନୁଭବ ହେଉଥିବାବେଳେ ସମ୍ପୃକ୍ତ ହେଲପରମାନେ ଦିନରାତି ଖଟି ଜଳକଷ୍ଟ ଦୂର କରିଥାନ୍ତି। କୁତ୍ରା ବ୍ଲକରେ ମାତ୍ର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ ହେଉଛି। ବାରମ୍ବାର ଅଭିଯୋଗ ଓ ଦାବି ହେବା ସତ୍ତ୍ୱେ ନୂତନ ଯନ୍ତ୍ରୀ କିମ୍ବା ଖାଲି ପଡିଥିବା ପଦବୀ ପୂରଣ କରାଯାଇନାହିଁ। ନୂତନ ନଳକୂପ କିମ୍ବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମ ହୋଇପାରୁ ନାହିଁ। ପୁରୁଣା ଅଥବା ଅଚଳ ଜଳ ଯୋଗାଣ ପ୍ରକଳ୍ପ ସମଗ୍ର କୁତ୍ରା ବ୍ଲକର ୧୬ଟି ପଞ୍ଚାୟତରେ ଠିକ୍ ଭାବରେ ପରିଚାଳନା ହୋଇପାରୁନାହିଁ। ଏ ଦିଗରେ ବିଭାଗ ସରକାରୀ ସ୍ତରରେ ପଦକ୍ଷେପ ନେବ ବୋଲି ପଞ୍ଚାୟତ ସମିତି ସ୍ତରୀୟ ସଭା ଗୁଡ଼ିକରେ ସମିତି ସଭ୍ୟ/ସଭ୍ୟା, ସରପଞ୍ଚ ଓ ଜନ ସାଧାରଣ ଦାବି କରିଆସୁଥିଲେ ମଧ ପ୍ରତିକାର ହେଉନି। କର୍ମଚାରୀଙ୍କୁ ନିୟମିତ କରାଯାଉ ନ ଥିବାରୁ କାମ ଠିକ୍ ଭାବେ ହୋଇପାରୁ ନାହିଁ। ଯାହାର ନଜିର କୁତ୍ରାରେ ଦେଖିବାକୁ ମିଳିଛି। କୁତ୍ରା ବ୍ଲକ ମହକୁମାର ଏକ ପାଣି ପାଇପ ଫାଟିଯିବାରୁ ଗତ ପାଞ୍ଚ ଦିନ ଧରି ଜଳ ଯୋଗାଣ ଠପ ହୋଇଯାଇଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏଣୁ ଏହାର ମରାମତି ଶିଘ୍ର କରାଯାଇ ଜଳ ଯୋଗାଣ ବ୍ୟବସ୍ଥାକୁ ଠିକ କରିବା ପାଇଁ ଗ୍ରାମବାସୀ ଦାବି ଓ ନିବେଦନ କରିଛନ୍ତି।

# ମାଗଣାରେ ଟମାଟୋ ବାଣ୍ଟିଲେ ଚାଷୀ

### ବୀରମିତ୍ରପୁର ବୁଧବାର ବଜାର

- ଶୀତଳ ଭଣ୍ଡାର ନଥିବାରୁ ପରିବା ନଷ୍ଟ ହେଉଛି
- ଚାଷୀମାନେ କ୍ଷତିର ସମ୍ମୁଖୀନ

କୁଆଁରମୁଣ୍ଡା, ୧୭।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାର ବୀରମିତ୍ରପୁର ପୌରାଞ୍ଚଳର ବୁଧବାର ସାପ୍ତାହିକ ବଜାରରେ ଟମାଟୋ କେହି ନ କିଣିବାରୁ ଚାଷୀମାନେ ଶେଷରେ ମାଗଣା ବାଣ୍ଟିଥିବା ଦେଖିବାକୁ ମିଳିଛି। ଏଠାକୁ ଚାଷୀମାନେ ସକାଳ ୧୦ଟାରେ ଆସିଥିଲେ। ଦୀର୍ଘ ସମୟ ଧରି ବିକ୍ରି ଅପେକ୍ଷାରେ ଥିଲେ। କେହି ନ ଆସିବାରୁ ସେମାନେ ଟମାଟୋ କିଲୋ ପ୍ରତି ୨ଟଙ୍କା ବୋଲି ଘୋଷଣା କରିଥିଲେ। ହେଲେ ଏତେ ଅଳ୍ପ ମୂଲ୍ୟରେ ମଧ୍ୟ କେହି ଖାଉଟି ଟମାଟୋ କିଣି ନ ଥିଲେ। ଫଳରେ ବହୁ ସମୟ ଧରି ଖରାରେ ବସିବସି ଚାଷୀମାନେ ଶେଷରେ ନିରାଶ ହୋଇ ଘରକୁ ଫେରିଥିଲେ। ହେଲେ ନେଇଥିବା ଟମାଟୋ ଘରକୁ ଫେରାଇ ନ ନେବା ପାଇଁ ହାଟରେ ଲୋକଙ୍କୁ ମାଗଣାରେ ବାଣ୍ଟି ଦେଇଥିଲେ।

ବୀରମିତ୍ରପୁର ପୌରାଞ୍ଚଳର ବୁଧବାର ଓ ରବିବାର ସାପ୍ତାହିକ ବଜାର ହୋଇଥାଏ। ଗତ ରବିବାର ସାପ୍ତାହିକ ବଜାରରେ ଟମାଟୋ କିଲୋ ୨ଟଙ୍କା ଥିଲା। ତେଣୁ ଖାଉଟିମାନେ ଜଣ ପିଛା ୪/୫ କିଲୋ ଟମାଟୋ କିଣି ନେଇଥିଲେ। ତାହା ଶେଷ ହୋଇ ନ ଥିବାରୁ ବୁଧବାର କେହି ଟମାଟୋ କିଣି ନ ଥିଲେ ବୋଲି ଖାଉଟିମାନେ କହିଛନ୍ତି। କେବଳ ଟମାଟୋ ନୁହେଁ, ଅନ୍ୟାନ୍ୟ ପନିପରିବା ଯେତେବେଳେ ଏହି ଅଞ୍ଚଳରେ ଅଧିକ ପରିମାଣରେ ଉତ୍ପାଦନ ହେଉଛି, ସେଗୁଡିକୁ ସଂରକ୍ଷଣ କରିବା ପାଇଁ ସରକାରୀ ଶୀତଳଭଣ୍ଡାର ନାହିଁ। ଫଳରେ ଚାଷୀମାନେ ଏହିପରି ଭାବେ ପରିବା ବାଣ୍ଟି ଦେଉଛନ୍ତି ବା ନଷ୍ଟ ହୋଇଯାଉଛି। ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ବାଧ୍ୟ ହେଉଛନ୍ତି।



ବୀରମିତ୍ରପୁର ବୁଧବାର ବଜାରରେ ଚାଷୀମାନେ ମାଗଣାରେ ଟମାଟୋ ବାଣ୍ଟୁଛନ୍ତି।

# କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ କେଜେଡିର ପତ୍ର

ରାଉରକେଲା ଅଫିସ, ୧୭।୩

### ରାଉରକେଲାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ଉଦ୍‌ଘାଟନ ପ୍ରସଙ୍ଗ

ଚଳିତ ମାସ ୨୧ ତାରିଖ ରାଉରକେଲାର ଆଇଜିଏଚ୍ ପରିସରରେ ସୁପର ସ୍ପେସିଆଲିଟି ହସ୍‌ପିଟାଲକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଉଦ୍‌ଘାଟନ କରିବେ। ଆଇଜିଏଚ୍‌କୁ ଏକ ସୁପର ସ୍ପେସିଆଲିଟି ହସ୍‌ପିଟାଲ ସହ ଏକ ମେଡିକାଲ କଲେଜରେ ପରିଣତ କରାଯିବ ବୋଲି ଗତ ୨୦୧୫ ଏପ୍ରିଲ ୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ରାଉରକେଲା ଗସ୍ତ ଅବସରରେ ଘୋଷଣା କରିଥିଲେ। ତେବେ ସେଥିରୁ ମେଡିକାଲ କଲେଜ କାହିଁକି ବାଦ୍ ପଡିଲା ଏବଂ ଉକ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ରାଷ୍ଟ୍ରପତିଙ୍କ ଦ୍ୱାରା ଉଦ୍‌ଘାଟନ କରାଇବା କେତେଦୂର ଯୁକ୍ତିସଙ୍ଗତ ବୋଲି ପ୍ରଶ୍ନ କରି ଏକପତ୍ର କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଲେଖିଛନ୍ତି କୋସଲ ଜନତା ଦଳ (କେଜେଡି) ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର। ସେ ଉକ୍ତ ପତ୍ରରେ ଆହୁରି ମଧ ଦର୍ଶାଇଛନ୍ତି ଯେ, ଏହି ହସ୍‌ପିଟାଲର ନୂଆ ବିଭାଗ ସବୁ ଡାକ୍ତରଙ୍କ ଅଭାବରୁ ଅସମ୍ପୂର୍ଣ୍ଣ ଏବଂ ଏହାକୁ ସେଲ୍ ଅଧିନରୁ ବାହାର କରି ତା'ର ପରିଚାଳନା ଭାର ଏକ ଟ୍ରଷ୍ଟକୁ ହସ୍ତାନ୍ତର କରାଯିବ ବୋଲି କୁହାଯାଉଛି। ଯଦିଓ ରାଉରକେଲାବାସୀ ଏହାର ପରିଚାଳନା ଭାର ଏମ୍ସ ବହନ କରୁ ବୋଲି ମତ ରଖୁଛନ୍ତି। ତେଣୁ ଉଦ୍‌ଘାଟନ ପ୍ରସଙ୍ଗଟି ରାଜନୈତିକ ବାଦବିବାଦ ମଧ୍ୟକୁ ଚାଲିଯାଇଛି। ଇସ୍ପାତ ମନ୍ତ୍ରୀ ତାଙ୍କ ରାଉରକେଲା ଗସ୍ତ ପୂର୍ବରୁ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ପାଇଁ ମିଶ୍ର ଉକ୍ତ ପତ୍ରରେ ଦାବି ରଖିଛନ୍ତି ବୋଲି ଦଳୀୟ କାର୍ଯ୍ୟାଳୟ ପକ୍ଷରୁ କେଜେଡି ମୁଖପାତ୍ର ଡା.ସୁରମା ମିଶ୍ରଙ୍କ ଦ୍ୱାରା ଜାରି ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି।

# ତଦନ୍ତ ଦାବିରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ

ରାଉରକେଲା ଅଫିସ, ୧୭।୩

### ରାଉରକେଲା ତହସିଲ ଜମି ଦୁର୍ନୀତି ପ୍ରସଙ୍ଗ

ରାଉରକେଲା ତହସିଲ ଜମି ଦୁର୍ନୀତିରେ ତଦନ୍ତ ଦାବିରେ ବୁଧବାର ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସର ଶତାଧିକ କର୍ମୀ ଓ କର୍ମକର୍ତ୍ତା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସମବେତ ହୋଇ ପୂର୍ବତନ ତହସିଲଦାର ମାନସ ରଞ୍ଜନ ସାହୁଙ୍କ କାର୍ଯ୍ୟକାଳ ସମୟରେ ହୋଇଥିବା ଜମି ଦୁର୍ନୀତି ବିରୋଧରେ ନାରାବାଜି କରିଥିଲେ। ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନଙ୍କ ସଂଯୋଜନାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ସଭାପତି ତିର୍କୀ ବକ୍ତବ୍ୟ ପ୍ରଦାନ କରି ରାଉରକେଲା ତହସିଲ କାର୍ଯ୍ୟାଳୟ ଦୁର୍ନୀତିଗ୍ରସ୍ତଙ୍କ ଆଖଡାସ୍ଥଳ ପାଲଟିଛି ବୋଲି ଅଭିଯୋଗ କରିଥିଲେ। ପୂର୍ବ ତହସିଲଦାର ସାହୁ ଜମିପଟ୍ଟା ପ୍ରଦାନ, ଜମିଜମା ରେକର୍ଡ ସଂଶୋଧନ ଓ କିସମ ପରିବର୍ତ୍ତନ ଭଳି ଯେଉଁ ବେଆଇନ କାର୍ଯ୍ୟ କରିଛନ୍ତି ଏଥିରେ କେତେକ ଭ୍ରଷ୍ଟ କର୍ମଚାରୀଙ୍କ ସହଯୋଗ ରହିଛି ବୋଲି କହିଥିଲେ। କାଳବିଳମ୍ବ ନ କରି ରାଜ୍ୟ ସରକାର ଏହି ତହସିଲରେ ହୋଇଥିବା କୋଟି କୋଟି ଟଙ୍କା ଜମି ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା। ପୂର୍ବତନ ତହସିଲଦାରଙ୍କୁ ଗିରଫ କରିବାକୁ କହିଥିଲେ। ବିକ୍ଷୋଭରେ ପୂର୍ବତନ ଜିଲା ସଭାପତି ବୀରେନ ସେନାପତି, ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ଗଣେଶ ପ୍ରଧାନ, ପ୍ରଭାତୀ ମିଶ୍ର, ନିରୂପମା ବଳିୟାର ସିଂ, ଜ୍ଞାନେନ୍ଦ୍ର ଦାସଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।




କଂଗ୍ରେସ ପକ୍ଷରୁ ତହସିଲ ଘେରାଉ କରାଯାଇଛି।

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ବାର୍ଷିକ ସମୀକ୍ଷା ବୈଠକ

ସୁନ୍ଦରଗଡ଼, ୧୭।୩ (ଡି.ଏନ୍.ଏ.)

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସୁନ୍ଦରଗଡ ବନଖଣ୍ଡସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ ତୃତୀୟ ବାର୍ଷିକ ସମୀକ୍ଷା ବୈଠକ ବୁଧବାର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିଖିଲ ପବନ କଲ୍ୟାଣ ମୁଖ୍ୟ ଅତିଥି, ରାଉରକେଲା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଭଞ୍ଜ କିଶୋର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ବୈଠକକୁ ଉଦଘାଟନ କରିଥିଲେ। ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା ଏକକ ମୁଖ୍ୟ ସଞ୍ଜୟ କୁମାର ସ୍ୱାଇଁ ଏବଂ ଜିଲା ମୁଖ୍ୟ କୃଷି ଅଧିକାରୀ ଡ. ଲକ୍ଷ୍ମୀ ନାରାୟଣ ଦାଶ, ଜିଲା ଉଦ୍ୟାନ ବିଭାଗ ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ, କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସତ୍ୟମୟ ଶତପଥୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପରେ ଏହି ଅବସରରେ ଆୟୋଜିତ ଫଟୋ ଗ୍ୟାଲେରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବନସୁରକ୍ଷା ସମିତି ଦ୍ୱାରା ଜୀବନଜୀବିକା ଉନ୍ନତି ନିମନ୍ତେ ଉତ୍ପାଦିତ ସାମଗ୍ରୀର ଷ୍ଟଲକୁ ଜିଲାପାଳ ଏବଂ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଉଦଘାଟନ କରିଥିଲେ। ଏହା ପରେ ବାର୍ଷିକ ସମୀକ୍ଷା ୨୦୨୦-୨୧ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ବନବିଭାଗର ବନାଞ୍ଚଳ ଅଧିକାରୀ, ବନପାଳ, ବନରକ୍ଷୀ ଏବଂ ପ୍ରକଳ୍ପର ଖଣ୍ଡୀୟ ପରିଚାଳନା ଏକକ, କ୍ଷେତ୍ର ପରିଚାଳନା ଏକକ ଓ ବେସରକାରୀ ସଂସ୍ଥା ସେବକର କର୍ମକର୍ତ୍ତା ଯୋଗଦେଇ ପାୱାର ପଏଣ୍ଟ ମାଧ୍ୟମରେ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରକଳ୍ପର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରେଷ୍ଠ ବନସୁରକ୍ଷା ସମିତି ଓ ସ୍ୱୟଂସହାୟକ ଗୋଷ୍ଠୀ ଗୁଡିକୁ ପୁରସ୍କୃତ କରାଯିବା ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ବନସଂରକ୍ଷକ ଦିବାକର ବେହେରା ଅତିଥି ପରିଚୟ ଓ ସହକାରୀ ବନସଂରକ୍ଷକ ମୋହନ ହେମ୍ବ୍ରମ ଧନ୍ୟବାଦ ଦେଇଥିଲେ।

# ଡବ୍ଲ୍ୟୁଓଡିସିର ସୁନ୍ଦରଗଡ଼ ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ



ଡବ୍ଲ୍ୟୁଓଡିସିର ସୁନ୍ଦରଗଡ଼ ଜିଲା କାର୍ଯ୍ୟାଳୟକୁ ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ଉଦ୍‌ଘାଟନ କରୁଛନ୍ତି।

ସୁନ୍ଦରଗଡ଼, ୧୭।୩ (ଡି.ଏନ୍.ଏ)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି)ର ସୁନ୍ଦରଗଡ଼ ଜିଲା କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଛି। ଜିଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟ ପରିସରରେ ଡବ୍ଲ୍ୟୁଓଡିସ କାର୍ଯ୍ୟାଳୟକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ଉଦ୍‌ଘାଟନ କରିଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧୀନରେ ଥିବା ୧୦ଟି ଜିଲା ଏବଂ ଗୋଟିଏ ସବ୍‌ଡିଭିଜନରେ ବିକାଶମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିସବୁ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ଭିତରେ ଶେଷ କରିବା ଏବଂ ଲୋକଙ୍କୁ ଏହାର ସୁବିଧା ଦେବା ପାଇଁ ଜିଲା ସ୍ତରରେ ଡବ୍ଲ୍ୟୁଓଡିସି କାର୍ଯ୍ୟାଳୟ ଖୋଲିବାକୁ ନିକଟରେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ଅନୁଯାୟୀ ସୁନ୍ଦରଗଡ଼ ଜିଲାରେ ଏହି କାର୍ଯ୍ୟାଳୟ ଖୋଲାଯାଇଛି। ଜିଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟ ପରିସରରେ ଡବ୍ଲୁଓଡିସି କାର୍ଯ୍ୟାଳୟ ଏକ ସେଲ୍ ଭାବେ କାର୍ଯ୍ୟ କରୁଥିଲା। ଏବେ ଏକ ପୂର୍ଣ୍ଣ କାର୍ଯ୍ୟାଳୟ ଖୋଲିଥିବାରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଆହୁରି ଆଗକୁ ଯିବ। ଗତ ବର୍ଷେ ହେଲା ସୁନ୍ଦରଗଡ଼ ଜିଲା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସାମଗ୍ରିକ ସୂଚକାଙ୍କ ତାଲିକାରେ ୧ ନମ୍ବର ସ୍ଥାନରେ ରହି ଆସିଛି। ଏହି ଧାରା ବଜାୟ ରଖିବାକୁ ଆମେ ଚେଷ୍ଟା ଜାରି ରଖିବୁ ବୋଲି କହିଛନ୍ତି ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଯୋଜନା ଏବଂ ପରିସଂଖ୍ୟାନ ଉପନିର୍ଦ୍ଦେଶକ ବିଜୟ କୁମାର ତ୍ରିପାଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ତଥା ସଂସ୍କୃତି ଅଧିକାରୀ ଅନିଲ କେରକେଟାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପରିଷଦ ଅଧୀନରେ ସ୍ୱାସ୍ଥ୍ୟସେବା, ପାନୀୟଜଳ, ଶିକ୍ଷା, ବିଦ୍ୟୁତ୍‌କରଣ, କୃଷି, ରାସ୍ତା, ନିର୍ମାଣ, ଜଳସେଚନ, ଭିତ୍ତିଭୂମି ସୁଦୃଢ଼ କରିବା ସହିତ ମରୁଡ଼ି ନିରାକରଣ ଆଦି କ୍ଷେତ୍ରରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।

# ବଡ଼ଗାଁରେ ଓସିଏ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ



ଅତିଥିଙ୍କ ସହ ଖେଳାଳି।

ବଡ଼ଗାଁ, ୧୭।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ମିନିଷ୍ଟାଡିୟମଠାରେ ବୁଧବାର ଓଡିଶା କ୍ରିକେଟ ଏକାଡେମୀ ପକ୍ଷରୁ ୧୬ ବର୍ଷରୁ ଉର୍ଦ୍ଧ୍ୱ ଖେଳାଳୀଙ୍କୁ ନେଇ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ଜିଲାର ୧୪ଟି ଟିମ ଅଂଶଗ୍ରହଣ କରିଛନ୍ତି। ୨୩ ତାରିଖ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ। ଓସିଏର ଭିଜନ-୨୦୨୪କୁ ଦୃଷ୍ଟିରେ ରଖି ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ଏଠାରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ଖେଳାଳୀ ମାନେ କଟକରେ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟରେ ଖେଳିବେ। ଟୁର୍ନାମେଣ୍ଟରେ ଯୋଗଦେଉଥିବା ଟିମରେ ୪ଜଣ ଅଣ୍ଡର ୧୯ ଓ ୭ ଜଣ ଅଣ୍ଡର ୧୬ ଖେଳାଳି ରଖାଯାଇଛି। ବୁଧବାର ବିଡିଓ କ୍ଷମାନିଧି ଭୋଇ ଓ ତହସିଲଦାର ବିନୟ କୁଲୁ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ବଣ୍ଡମୁଣ୍ଡା ଓ ମହାବୀର ଲାୟନ୍ସ, ରାଉରକେଲା, ସିଭିଲ ଟାଉନସିପ୍ ମଧ୍ୟରେ ହୋଇଥିଲା। ମହାବୀର ଲାୟନ୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭର ମଧ୍ୟରୁ ୩୪ ଓଭରରେ ଅଲ୍‌ଆଉଟ୍ ହୋଇ ୮୧ ରନ କରିଥିଲେ। ଜବାବରେ ବଣ୍ଡମୁଣ୍ଡା ଟିମ୍ ୧୩ ଓଭର ୨ ବଲରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିଥିଲେ।

# ବିଜେଡିର ଘରଚିହ୍ନା କାର୍ଯ୍ୟକ୍ରମ, ସଚେତନତା ସଭା

ଦେବଗଡ଼, ୧୭।୩(ଡି.ଏନ୍.ଏ.)

ଦେବଗଡ଼ ଜିଲା ବିଜୁ ଜନତାଦଳ (ବିଜେଡି) ପକ୍ଷରୁ ତିଲେଇବଣି ବ୍ଲକ ଅନ୍ତର୍ଗତ ଲୁଢର ଗ୍ରାମଠାରେ ବୁଧବାର ଘରଚିହ୍ନା କାର୍ଯ୍ୟକ୍ରମ ସହ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲା ବିଜେଡି ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେଡି ଦେବଗଡ ଜିଲା ପର୍ଯ୍ୟବେକ୍ଷକ ଇଂ. ନଳିନୀକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ଶୈଳେସ ଦାନୀ, ବିଜେଡି ରାଜ୍ୟ ମୁଖପାତ୍ର ସଞ୍ଜୟ କୁମାର ବାବୁ, ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ,ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ, ଇଂ. ବିଷ୍ଣୁପ୍ରସାଦ ଅମାତ୍ୟ ଓ ନଗେନ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ସମ୍ପୃକ୍ତ ଅଞ୍ଚଳର ୧୨ ଜଣ ଯୁବନେତା ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଲଇମୁରା ଅଞ୍ଚଳର ଜଣାଶୁଣା ନେତା ଅଖିଳ ପଟ୍ଟନାୟକଙ୍କ ନେତୃତ୍ୱରେ ଉକ୍ତ ୧୨ ଜଣ ବିଜେଡିରେ ଯୋଗଦେଇଥିବା ଦଳ ପକ୍ଷରୁ କୁହାଯାଇଛି।



ଘରଚିହ୍ନା କାର୍ଯ୍ୟକ୍ରମରେ ବିଜେଡ଼ି ନେତା, କର୍ମକର୍ତ୍ତା ଓ ଜନସାଧାରଣ।

# ଧାନକ୍ରୟ ବନ୍ଦ ପ୍ରତିବାଦ: ଚାଷୀଙ୍କ ଧାରଣା

ଦେବଗଡ଼, ୧୭।୩(ଡ଼ି.ଏନ୍.ଏ.)

ଦେବଗଡ଼ ଜିଲାରେ ଚାଷୀଙ୍କ ସମସ୍ୟା ଥମୁନାହିଁ। ଧାନ କ୍ରୟ ବନ୍ଦ ପ୍ରତିବାଦରେ ବୁଧବାର ଚାଷୀମାନେ ଧାରଣା ଦେଇଛନ୍ତି। ତିଲେଇବଣି ବ୍ଲକ ଅନ୍ତର୍ଗତ ଗାଙ୍ଗନଣ ପ୍ରାଥମିକ କୃଷି ସମବାୟ ସମିତିରେ ପଞ୍ଜିକୃତ ଚାଷୀ ମାନଙ୍କଠାରୁ ଟାର୍ଗେଟ ନ ଥିବା ଦର୍ଶାଯାଇ ଧାନ କ୍ରୟ କରାଯାଉନାହିଁ। ଟୋକନ ପାଇଥିବା ୧୦୪ ଜଣ ଚାଷୀଙ୍କର ଟୋକନ ଗୁଡିକର ଅବଧି ଶେଷ ହୋଇଯାଉଥିବାରୁ ଧାନ ବିକ୍ରି କରି ନ ପାରି ଆର୍ଥିକ ସଂକଟ ଦେଇ ଗତିକରୁଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ବ୍ୟାଙ୍କ ଓ ସମବାୟ ସମିତିରୁ ଋଣ ଓ ହାତ ଉଧାରୀ କରି ଚାଷ କାର୍ଯ୍ୟ କରିଥିବା ଗରିବ ଚାଷୀ କିଭଳି ଋଣ ପରିଶୋଧ କରିବ ସେନେଇ ମଧ ଚିନ୍ତିତ ହୋଇପଡିଛନ୍ତି। ଏନେଇ ସେମାନେ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକଙ୍କ ଠାରୁ ଆରମ୍ଭ କରି ଏଆରସିଏସ୍, ଜିଲା ଯୋଗାଣ ଅଧିକାରୀ, ଜିଲାପାଳ ଓ ରାଜ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀଙ୍କଠାରେ ଏକାଧିକବାର ଲିଖିତ ଗୁହାରୀ କରିଥିଲେ ମଧ ସମସ୍ୟାର ସମାଧାନ ହୋଇପାରୁନାହିଁ। ଫଳରେ ଏହାର ପ୍ରତିବାଦରେ ଗାଙ୍ଗନଣ ସେବା ସମବାୟ ସମିତି ଅଧିନସ୍ଥ ପଞ୍ଜିକୃତ ଚାଷୀମାନେ ମଙ୍ଗଳବାର ମଧ୍ୟାହ୍ନରେ ଉକ୍ତ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇଥିବାବେଳେ ବୁଧବାରଠାରୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଜଣାପଡିଛି। ସେହିପରି ସେମାନେ ଧାନକ୍ରୟ ପାଇଁ ଆବଶ୍ୟକ ପରିମାଣର ଟାର୍ଗେଟ ପ୍ରଦାନ ସହ ଅବଧି ଶେଷ ହୋଇଯାଇଥିବା ଟୋକନ ଗୁଡିକୁ ରିଜେନେରେଟ କରା ନ ଯିବା ପର୍ଯ୍ୟନ୍ତ ସେଠାରୁ ତାଲା ଖୋଲିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।



ଗାଙ୍ଗନଣ ପ୍ରାଥମିକ କୃଷି ସମବାୟ ସମିତିରେ ଚାଷୀମାନେ ଧାରଣା ଦେଇଛନ୍ତି।

## ରାସ୍ତା ଦୁର୍ଘଟଣାରେ ଜଣେ ମୃତ

କୁଚିଣ୍ଡା,(ଡି.ଏନ.ଏ.): ମଙ୍ଗଳବାର ସନ୍ଧ୍ୟା ସାଢ଼େ ୭ଟାରେ ସ୍ଥାନୀୟ କେଶେଇବାହାଲ ଛକରେ ବାଇକ୍‌ରୁ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମହୁଲପାଲି ଥାନା କଦୋଗୁଡା ଗ୍ରାମର ବୈଲୁଚନ କିସାନ (୪୬)। ବୈଲୁଚନ ସାଥୀ ଅକ୍ରୁର କିସାନଙ୍କ ସହ ବାଇକ୍‌ରେ ଏକ ବିବାହ ଉତ୍ସବରେ ଯୋଗଦେଇ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ କୁଚିଣ୍ଡା ଡାକ୍ତରଖାନା ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମହୁଲପାଲି ଥାନାରେ ଏକ ମାମଲା ରୁଜୁ କରାଯାଇ ବୁଧବାର ମୃତଦେହ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ, ବୁର୍ଲା ଜଗନ୍ନାଥ ମନ୍ଦିର ପରିସର, ସକାଳ ୮ଟା।
- କୃଷିମାରଣ ନୀତିକୁ ନେଇ ବୈଠକ, ଓଡିଶା ସାଂସ୍କୃତିକ ସମାଜ ଭବନ, ପୂର୍ବାହ୍ନ ସାଢ଼େ ୧୦ଟା।
- କୃଷକ ଅଧିକାର ଯାତ୍ରାକୁ ସ୍ୱାଗତ, ଚାଉଁରପୁର ବ୍ରିଜ, ପୂର୍ବାହ୍ନ ସାଢ଼େ ୯ଟା।
- ଫାଟକ ଷ୍ଟେଶନ ଉଚ୍ଛେଦ ପ୍ରତିବାଦରେ ବୈଠକ, ଷ୍ଟେଶନ ପରିସର, ସନ୍ଧ୍ୟା ସାଢ଼େ ୫ଟା।

## ସଂକ୍ଷେପରେ

### କିଶୋରୀ ଶିକ୍ଷା ବିକାଶ କାର୍ଯ୍ୟକ୍ରମ

କିର୍ମିରା, ୧୭।୩ (ଡି.ଏନ.ଏ.): କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ଭାଲୁପତ୍ରା ଆଶ୍ରମ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସତ୍ୟବାନ ପତିଙ୍କ ସଭାପତିତ୍ୱରେ କିଶୋରୀ ଶିକ୍ଷା ଓ କିଶୋରୀ ଶକ୍ତି ଉପରେ ଏକ ଆଲୋଚନା ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ବିକାଶ ଅଧିକାରୀ ଯଶୋବନ୍ତୀ ପୁରୋହିତ, ଆଇସିଡିଏସ୍‌ର ସୁପରଭାଇଜର ଝରଣା ନାୟକ, ସ୍ୱାସ୍ଥ୍ୟକର୍ମୀ ଗୀତାଞ୍ଜଳି ନାଏକ, ଅଙ୍ଗନୱାଡି କର୍ମୀ ହୀରାବତୀ ନାୟକ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ କିଶୋରୀ ଶିକ୍ଷାର ଆବଶ୍ୟକତା ଓ ଏହାର ବିଭିନ୍ନ ଦିଗ, କିଶୋରୀ ଅବସ୍ଥାରେ ସ୍ୱାସ୍ଥ୍ୟର ଯତ୍ନ ସମ୍ବନ୍ଧରେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମରେ ହଷ୍ଟେଲ ପରିଚାଳିକା ଅଞ୍ଜଳି ପଟେଲ, ମାଟ୍ରନ ଦିଗେଶ୍ୱରୀ ଗୁଖୁରା, ଗୋଲାପୀ ନାଏକ, ନିରନ୍ଦିନୀ କିଶାନ ଯୋଗଦେଇଥିଲେ।

### କଲେଜ ପରିସର ସଫାକଲେ ଛାତ୍ରୀ

ନାକଟିଦେଉଳ,୧୭।୩(ଡି.ଏନ.ଏ.): ନାକଟିଦେଉଳ ସ୍ନାତକ କଲେଜ ଛାତ୍ରୀମାନଙ୍କ ପକ୍ଷରୁ ବୁଧବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ବାଳିକା ବିଭାଗର ପ୍ରୋଗ୍ରାମ ଅଫିସର ଅଧାପିକା ପୁଷ୍ପାଞ୍ଜଳି ରବଣାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ କଲେଜ ପରିସରରେ ଥିବା ଅଳିଆ ଆବର୍ଜନା, ଅନାବନା ଗଛଲତା ସଫା କରିଥିଲେ। ଆମ ପରିବେଶକୁ ସର୍ବଦା ପରିଷ୍କାର ରଖିବା ସହ ସ୍ୱଚ୍ଛତା ଦିଗରେ ସମସ୍ତେ କାର୍ଯ୍ୟ କରିବାକୁ ଅଧାପିକା ରବଣା ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମସ୍ତ ଛାତ୍ରୀ ଶପଥପାଠ କରିଥିଲେ।

### ସ୍ମାର୍ଟ କ୍ଲାସ୍‌ରୁମ୍ ପାଇଁ ୱାର୍ଲ୍ଡ ବ୍ୟାଙ୍କର କ୍ଷେତ୍ର ପରିଦର୍ଶନ

କୁଚିଣ୍ଡା, ୧୭।୩ (ଡି.ଏନ.ଏ.): କୁଚିଣ୍ଡା ମହାବିଦ୍ୟାଳୟଠାରେ ୨ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫ଟି ସ୍ମାର୍ଟ କ୍ଲାସ୍‌ରୁମ ନିର୍ମାଣ ହେବ। ଏହି ପରିପ୍ରେକ୍ଷୀରେ ୱାର୍ଲ୍ଡ ବ୍ୟାଙ୍କର ଜିତେନ୍ଦ୍ର କୁମାର ଦାଶଙ୍କ ନେତୃତ୍ୱରେ ଏକ ଦଳ ମଙ୍ଗଳବାର ଏଠାକୁ ଆସି କ୍ଷେତ୍ର ପରିଦର୍ଶନ ସାରି ଫେରିଛନ୍ତି। ଆଉ ଏକ ଦଳ ଆସି ମୃତ୍ତିକା ପରୀକ୍ଷଣ କରିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ମହାବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ପରିଡାଙ୍କ ସୂତ୍ରରୁ ପ୍ରକାଶ। ଅଧକ୍ଷ ପରିଡା, ଖିରେଶ୍ୱର ଦାଶ, ପ୍ରଫେସର ସୁଧାଂଶୁ କୁମାର ମହାପାତ୍ର ସହଯୋଗ କରିଥିଲେ।

### ଟ୍ରାକ୍ଟର-ବୋଲେରୋ ଧକ୍କା: ୨ ଗୁରୁତର

ଦେବଗଡ଼,୧୭।୩(ଡ଼ିଏନ୍.ଏ.): ଦେବଗଡ଼ ପୌରାଞ୍ଚଳ ମଡେଲ ଡିଗ୍ରୀ କଲେଜ ସମ୍ମୁଖ ୪୯ନମ୍ବର ଜାତୀୟ ରାଜପଥରେ ବୁଧବାର ଏକ କାଠ ବୋଝେଇ ଟ୍ରାକ୍ଟର ଓ ବୋଲେରୋ ମଧରେ ଧକ୍କା ହୋଇଛି। ଫଳରେ ୨ଜଣ ଯୁବକ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ ସୁନ୍ଦରଗଡ଼ ଜିଲା ବଣାଇଁ ଥାନା କେନାଭେଟା ଗ୍ରାମର ଲକ୍ଷ୍ମୀଧର ବେହେରା, ଦିଲୀପ ଭୋଇ, ଦେବାଶିଷ ପାତ୍ର, ଜଗନ୍ନାଥ ବେହେରା, କାହ୍ନୁ ପାତ୍ର ଓ ଅନ୍ୟ ୪ ଯୁବକ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ସମ୍ବଲପୁର ଜିଲା ନାକ୍ଟିଦେଉଳ ଥାନା ଅନ୍ତର୍ଗତ ପୋଡାମାଲ ଗ୍ରାମକୁ ଏକ ବୋଲେରୋରେ ଯାଉଥିଲେ। ଏହି ସମୟରେ ଟ୍ରାକ୍ଟର ସହ ବୋଲେରୋ ଧକ୍କା ହୋଇଥିଲା। ଫଳରେ ଦିଲ୍ଲୀପ ଭୋଇ (୩୮) ଓ ଲକ୍ଷ୍ମୀଧର ବେହେରା (୩୫)ଆହତ ହୋଇଥିଲେ। ୧୦୮ ଆମ୍ବୁଲାନ୍ସରେ ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଆନ୍ତଃରାଜ୍ୟ ସାଇବର କ୍ରାଇମ୍‌ର ପର୍ଦ୍ଦାଫାଶ

ଝାରସୁଗୁଡ଼ା ଅଫିସ୍,୧୭।୩

ଝାରସୁଗୁଡ଼ା ଜିଲା ପୋଲିସ ଏକ ଆନ୍ତଃରାଜ୍ୟ ସାଇବର କ୍ରାଇମ୍‌ର ପର୍ଦ୍ଦାଫାଶ କରିଛି। ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ନେପାଳ ସୀମାରୁ ଗିରଫ କରିଛି। ସେ ହେଲେ ବିହାର ଓ୍ୱେଷ୍ଟର୍ନ ଚାମ୍ପାରନ ଲାଉରିୟାର ନିରୋଜ କୁମାର। ଏ ନେଇ ଏସ୍‌ପି ବିକାଶ ଚନ୍ଦ୍ର ଦାସ ବୁଧବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁଯାୟୀ ବେଲପାହାଡ଼ ଗାନ୍ଧୀନଗରର ନୀତା ଛତର ନାମ୍ନୀ ଯୁବତୀଙ୍କର କୌନ ବନେଗା କୋରଡପତିରେ ୩୫ଲକ୍ଷ ଟଙ୍କା ଲଟେରି ଉଠିଛି ବୋଲି ଜଣେ ତାଙ୍କୁ ଫୋନ୍‌ରେ କହିଥିଲେ। ଏଥିପାଇଁ ତୁମକୁ ଟ୍ୟାକ୍ସ ଦେବାକୁ ପଡିବ ବୋଲି କହି ବିଭିନ୍ନ ପର୍ଯ୍ୟାୟରେ ୧ଲକ୍ଷ ୬୭ହଜାର ଟଙ୍କା ଠକିନେଇଥିଲେ। ଏହାପରେ ଆହୁରି ୬୫ହଜାର ଟଙ୍କା ସେ ଦାବି କରିଥିଲେ। ଏଥିରେ ଯୁବତୀ ଜଣକ ସନ୍ଦେହ କରି ବେଲପାହାଡ଼ ଥାନାରେ ଜଣାଇଥିଲେ। ପୋଲିସ ଗତ ୨ତାରିଖରେ କେସ୍ ନଂ.୪୪/୨୧ରେ ଏକ ମମାଲା ରୁଜୁକରି ତଦନ୍ତ ଚଳାଇଥିଲା। ଆଇଜି ନରସିଂହ ଭୋଳ ଓ ଏସ୍‌ପି ବିକାଶ ଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶକ୍ରମେ ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏଥିରେ ଆଇଆଇସି ରଶ୍ମିତା ବେହେରା ଓ ସବ୍‌ଇନ୍ସପେକ୍ଟର ପିକେ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ବ୍ୟାଙ୍କ ଆକାଉଣ୍ଟ, ବ୍ୟବହାର ହୋଇଥିବା ମୋବାଇଲ୍ ସିମ୍‌କୁ ନେଇ ପୋଲିସ୍ ସାଇବର ଟ୍ରାକିଂ କରିଥିଲା। ଏହି ଆଧାରରେ ପୋଲିସ ବିହାରର ଓ୍ୱେଷ୍ଟର୍ନ ଚାମ୍ପାରନରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ଅଭିଯୁକ୍ତ ନିରୋଜଙ୍କୁ କାବୁ କରିଥିଲା। ଜେରାବେଳେ ସାଇବର ଠକେଇରେ ନିରୋଜଙ୍କ ସହ ମହେଶ କୁମାର ଓ ରମେଶ କୁମାର ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ଏମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨ମାସ ମଧ୍ୟରେ ୩କୋଟି ୩୩ଲକ୍ଷ ଟଙ୍କା ଜମା ହୋଇଛି। ସେହିଭଳି ଆଉ ଏକ ବ୍ୟାଙ୍କ ଆକାଉଣ୍ଟରେ ୧ସପ୍ତାହ ମଧ୍ୟରେ ୭ଲକ୍ଷ ଟଙ୍କା କାରବାର ହୋଇଥିବା ଜଣାପଡିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରିରହିଛି ବୋଲି ଏସ୍‌ପି ଦାସ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତ ନିରୋଜଙ୍କୁ ହାଜର କରାଯାଇଛି।

**ନେପାଳ ସୀମାରୁ ଜଣେ ଅଭିଯୁକ୍ତ ଗିରଫ**

# ବଳାତ୍କାର ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ଦେବଗଡ଼,୧୭।୩(ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ପୁରୁଣାପାଣି ଗ୍ରାମରେ ଘଟିଥିବା ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଫାଷ୍ଟଟ୍ରାକ ଅଦାଲତ ଏହି ମାମଲାର ବିଚାରକରି ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୪ରେ ପୁରୁଣାପାଣି ଗ୍ରାମର ଜଣେ ଯୁବତୀଙ୍କୁ ସାନୁ ମୁଣ୍ଡା ନାମକ ଯୁବକ ବଳାତ୍କାର କରିଥିବା ରିଆମାଳ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରିଥିଲା। ତତ୍କାଳୀନ ରିଆମାଳ ଥାନା ମହିଳା ସବଇନ୍ସପେକ୍ଟର ସନ୍ତୋଷୀ ମହାନ୍ତ ଏ ଘଟଣାର ତଦନ୍ତ କରୁଥିଲେ। ଏହି ମାମଲା ଫାଷ୍ଟ ଟ୍ରାକ ଅଦାଲତରେ ବିଚାରାଧିନ ଥିବା ବେଳେ ଅଦାଲତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ। ତେବେ ଘଟଣାର ଦୀର୍ଘ ୭ ବର୍ଷ ପରେ ଗତ ୧୨ ତାରିଖ ରିଆମାଳ ଥାନା ପୋଲିସ ଅଭିଯୁକ୍ତ ସାନୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଅଦାଲତକୁ ପଠାଇ ଦେଇଥିଲେ। ଫାଷ୍ଟଟ୍ରାକ ଅଦାଲତର ବିଚାରପତି ରମାକାନ୍ତ ମହାନ୍ତି ଏହି ମାମଲାର ବିଚାର କରି ମଙ୍ଗଳବାର ସାନୁଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଥିବା ଜଣାପଡିଛି।

# ଦେବଗଡ଼ ଜିଲା ଭାଜପାର ନୂତନ କର୍ମକର୍ତ୍ତା

ଦେବଗଡ଼,୧୭।୩(ଡି.ଏନ.ଏ.)

ଇତି ମଧରେ ଦେବଗଡ଼ ଜିଲା ଭାଜପା ସଙ୍ଗଠନର ପୁନର୍ଗଠନ କରାଯିବା ସହ ରାଜ୍ୟ ଭାଜପା ନେତୃବୃନ୍ଦଙ୍କ ଅନୁମୋଦନ କ୍ରମେ ନୂତନ କର୍ମକର୍ତ୍ତାଙ୍କର ନାମ ଘୋଷଣା କରାଯାଇଛି। ଭାଜପା ଜିଲା ସଭାପତି ମୀନକେତନ ପ୍ରଧାନ, ଉପସଭାପତି ସତ୍ୟନାରାୟଣ ପାଣି, ହରମୋହନ ପାଣି, ଭାରତଭୂଷଣ ପ୍ରଧାନ, ନିରଞ୍ଜନ ବେହେରା, ଗୁରୁବାରୀ ପାତ୍ର, ବୃନ୍ଦାବତୀ ଭୋଇ, ବିରଞ୍ଚି ବେହେରା ଓ ଅକାଳୁ ଧଳଙ୍କୁ ମନୋନୀତ କରାଯାଇଛି। ଜିଲା ସାଧାରଣ ସମ୍ପାଦକ ରଞ୍ଜିତ ପଟେଲ, ସମୀର କୁମାର ସାହୁ ଓ ସଚ୍ଚିକାନ୍ତ ଦାଶ, ଜିଲା ସମ୍ପାଦକ ଭାବେ ଫକୀର ମୋହନ ପ୍ରଧାନ, ଭୀମସେନ ସାହୁ, ରମଣୀରଞ୍ଜନ ଦାଶ, ରାଜକୁମାରୀ କିଷାନ, ଠକଲାଲ ଠାକୁର, ବିଭୁତି ପଟେଲ, ବିନୋଦିନୀ ବେହେରା ଓ ସନ୍ତୋଷ କୁମାର ରାଉଳଙ୍କ ନାମ ଘୋଷଣା କରାଯାଇଛି। କୋଷାଧକ୍ଷ ଭାବେ ମୋତିଲାଲ ଶର୍ମା, ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ବିଳାସିନୀ ଥାପା, ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଭାବେ ବୀରେନ କୁମାର ପ୍ରଧାନ, ଜିଲା ଭାଜପା ଏସ୍.ଟି ମୋର୍ଚ୍ଚା ସଭାପତି ଭାବେ ବାଳମୁକୁନ୍ଦ ପ୍ରଧାନ, ଜିଲା ଭାଜପା ଏସସି ମୋର୍ଚ୍ଚା ସଭାପତି ଭାବେ ପ୍ରଜିତ ଭୋଜ, ଓବିସି ମୋର୍ଚ୍ଚା ସଭାପତି ଭାବେ ମହନ୍ତ ବେହେରା ଓ ଜିଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ଜମୀର ମୀର୍ଜା ବାଗଙ୍କ ନାମ ଘୋଷଣା କରାଯାଇଛି।

# ଉତ୍ପାଦକ ଗୋଷ୍ଠୀଙ୍କୁ ସହଯୋଗ ନିର୍ଦ୍ଦେଶ

ଝାରସୁଗୁଡ଼ା ଅଫିସ୍,୧୭।୩

ଜିଲା ପ୍ରଶାସନ ତରଫରୁ ଜିଲା ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ବୁଧବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଜିଲାରେ ଉତ୍ପାଦିତ କୃଷି ଓ ଉଦ୍ୟାନ ଭିତ୍ତିକ ସାମଗ୍ରୀର କ୍ରେତା ଓ ବିକ୍ରେତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଓରମାସ୍‌ର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ ସଂଯୋଜନା କରିଥିଲେ। ବୈଠକରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହେଉଥିବା ଲଙ୍କା, ଅଦା, ବଡ଼ି, ପାମ୍ପଡ, ଆଚାର, ଲଡ୍ଡୁ, ପିଠା, ବାସନ ମଜା ଓ ଫିନାଇଲ ଆଦି କିଭଳି ବିକ୍ରି ହୋଇପାରିବ ସେ ସମ୍ପର୍କରେ କ୍ରେତାମାନେ ନିଜର ଆବଶ୍ୟକତା ସମ୍ପର୍କରେ କହିଥିଲେ। ସେହିପରି ଉଦ୍ୟାନ ବିଭାଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଉଦ୍ୟାନଭିତ୍ତିକ ପ୍ରସ୍ତାବ ପ୍ରସ୍ତୁତ ସହିତ ସ୍ୱତନ୍ତ୍ର କାର୍ଯ୍ୟାବଳୀ (ଟାସ୍କଫୋର୍ସ) ଗଠନ ପୂର୍ବକ କ୍ରୟ ବିକ୍ରୟ ତଦାରଖ କରି ଉତ୍ପାଦକ ଗୋଷ୍ଠୀମାନଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶୁଖିଲା ଲଙ୍କା ଓ ଅଦାର ଚାହିଦା ଅଧିକ ରହିଥିବାରୁ ଏହାର ଉତ୍ପାଦନକୁ ବହୁଗୁଣିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଉତ୍ପାଦିତ ସାମଗ୍ରୀର ଗୁଣବତ୍ତା ରକ୍ଷା, ଅଧିକ ଉତ୍ପାଦକ ଗୋଷ୍ଠୀ ଗଠନ ପୂର୍ବକ ଉତ୍ପାଦନ ବୃଦ୍ଧି, ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଇଁ ବ୍ରାଣ୍ଡିଂ ଓ ପ୍ୟାକେଜିଂର ଆବଶ୍ୟକତା ରହିଛି। ଏଥିସହିତ କ୍ରେତାମାନଙ୍କ ଆବଶ୍ୟକତା ମୁତାବକ କଳାଜିରା ଚାଉଳ, ଢିଙ୍କିକୁଟା ଚାଉଳ ଓ ବାସ୍ନା ଚାଉଳ ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ପଦାଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଭିନ୍ନ କ୍ରେତା ବିକ୍ରେତା ସଂସ୍ଥାର କର୍ମକର୍ତ୍ତାଙ୍କ ସମେତ ଜିଲାପାଳ ସାମଲ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝି, ନାବାର୍ଡ ଡିଡିଏମ୍ ଶକ୍ତି ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।




ବୈଠକରେ ଯୋଗଦେଇଥିବା ବିଭାଗୀୟ ଅଧିକାରୀମାନେ।

**କୃଷି ସାମଗ୍ରୀ କ୍ରେତା ବିକ୍ରେତା ବୈଠକ**

# ବିରୋଧରେ ବିଭିନ୍ନ ସଂଗଠନ ସାମିଲ

**ସମ୍ବଲପୁର ରୋଡ୍ ଷ୍ଟେଶନ ବନ୍ଦ ହେବା ପ୍ରସଙ୍ଗ**

ସମ୍ବଲପୁର,୧୭।୩(ବ୍ୟୁରୋ)

ସମ୍ବଲପୁର ରୋଡ୍ ଷ୍ଟେଶନ ବନ୍ଦ ଘଟଣାକୁ ବିଜେଡି ବିରୋଧ କରି ଧାରଣା ଦେଇଥିବା ବେଳେ ଭାଜପା ଓ ଅନ୍ୟ ରାଜନୈତିକ ଦଳ ମୁହଁ ଖୋଲୁ ନାହାନ୍ତି। ବୁଧବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଏହି ନିଷ୍ପତ୍ତିକୁ ନିନ୍ଦା କରାଯାଇ ସମ୍ବଲପୁର ରେଳମଣ୍ଡଳ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ଦିଆଯାଇଛି। ସଚେତନ ସମ୍ବଲପୁର ନାଗରିକ କମିଟି ପ୍ରତିନିଧି ଦଳରେ ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା, ଗୌରୀ ଶଙ୍କର ଦାସ, ସୁରେଶ୍ୱର ମିଶ୍ର, ପ୍ରଦୀପ ବହିଦାର, ନବୀନ ଶତପଥି, ଜିଲା ଓକିଲ ସଂଘ ସଭାପତି ପ୍ରମୋଦ ରଥ, ସପନ ମିଶ୍ର, ଭୁପେନ ସାହୁ, ପ୍ରଣବ ଶତ୍ରୁଶଲ୍ୟ, ସଞ୍ଜୟ ସାହୁ, ସଞ୍ଜୀବ ପରିଡା ପ୍ରମୁଖ ସାମିଲ ଥିଲେ। ସେହିପରି ପ୍ରୋଗ୍ରେସିଭ ସମ୍ବଲପୁର ଆବାହକ ସଞ୍ଜିତ ମହାନ୍ତି, ମିଳନ ହୋତା, ସୁମିତ କୁମାର ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ସଙ୍କେତ ବେହେରା, ଆକାଶ ଦେବତା, ଗୋକୁଲ ମେହେର ପ୍ରମୁଖ ସାମିଲ ଥିଲେ। ଦାବିପତ୍ରରେ ଉଲ୍ଲେଖ ହୋଇଛି, ଦେଶ ସ୍ୱାଧୀନ ପୂର୍ବରୁ ୧୮୯୦ ମସିହାରେ ଏହି ଷ୍ଟେଶନ ନିର୍ମାଣ ହୋଇଥିଲା। ଏହି ଐତିହାସିକ ଷ୍ଟେଶନ ବନ୍ଦ କରିବାକୁ ରେଳ ବିଭାଗ ନିଷ୍ପତ୍ତି ନେଇଛି। ଏହି ନିର୍ଦ୍ଦେଶ ବାତିଲ କରାଯାଉ। ଅନ୍ୟପଟେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେଓ ରେଳମଣ୍ଡଳ ଜିଏମ୍‌କୁ ଚିଠି ଲେଖି ବିଭିନ୍ନ ସମସ୍ୟା ଉପରେ ଅବଗତ କରିଛନ୍ତି। କେତେକ ଟ୍ରେନ ରହଣି, କେତେକ ଷ୍ଟେଶନରୁ ଟ୍ରେନ ବର୍ଦ୍ଧିତ କରିବା, ଯୁଯୁମୁରାରେ ଓଭରବ୍ରିଜ ନିର୍ମାଣ, ବଲାଙ୍ଗୀର-ଖୋର୍ଦ୍ଧା ଓ ସମ୍ବଲପୁର-ଅନୁଗୋଳ ଦୋହରୀକରଣ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଦାବି କରିଛନ୍ତି।

# ନଦୀରେ ବାଲିବନ୍ଧ କଲେ ଗ୍ରାମବାସୀ



ଭେଡେନ୍ ନଦୀରେ ବାଲିବସ୍ତା ପକାଇ ବନ୍ଧ କରୁଛନ୍ତି ଗ୍ରାମବାସୀ।

କୁଚିଣ୍ଡା,୧୭।୩(ଡି.ଏନ୍.ଏ.)

**କୁଚିଣ୍ଡା ବ୍ଲକର ୨ ପଞ୍ଚାୟତରେ ଜଳସେଚନ ସମସ୍ୟା**

କୁଚିଣ୍ଡା ବ୍ଲକର ୨ ପଞ୍ଚାୟତରେ ଚାଷଜମିକୁ ଜଳସେଚନ ସମସ୍ୟା ଲାଗି ରହିଥିଲା। ଗ୍ରାମବାସୀ ସଙ୍ଗଠିତ ହୋଇ ନଦୀରେ ବାଲିବନ୍ଧ କରି ଏହି ସମସ୍ୟା ସମାଧାନ କରିବାକୁ ପ୍ରୟାସ କରିଛନ୍ତି।

ଏହି ବ୍ଲକ ଅନ୍ତର୍ଗତ କୁଲେଇଗଡ଼, ଚନ୍ଦନିମାଲ ଗ୍ରାମ ପଞ୍ଚାୟତର ଶତାଧିକ ଏକର ଜମିରେ ଚାଷୀମାନେ ଲଙ୍କା, ବାଇଗଣ, ଆଳୁ, ଚିନାବାଦାମ, ଧାନ, ସୋରିଷ, ମୁଗ ଆଦି ଫସଲ କରିଛନ୍ତି। ନିକଟସ୍ଥ ଭେଡେନ୍ ନଦୀରୁ ସେମାନେ ଉଠାଜଳସେଚନ ମାଧମରେ ଜମିରେ ପାଣି ମଡାଇ ଚାଷ କରିଥା'ନ୍ତି। କିନ୍ତୁ ଏଠାରେ ସ୍ଥାପିତ ତିନିଗୋଟି କ୍ଷୁଦ୍ର ଉଠାଜଳସେଚନ ପଏଣ୍ଟ ଚଳିତବର୍ଷ ପାଣି ଦେବାରେ ସକ୍ଷମ ହୋଇପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ଉଭୟ ପଞ୍ଚାୟତର ଗ୍ରାମବାସୀ ଏକାଠି ହୋଇଥିଲେ। ସେମାନେ ପରସ୍ପର କଥା ହୋଇ ବୁଧବାର ଭେଡେନ୍ ନଦୀର ପ୍ରବାହିତ ଜଳକୁ ବାଲିବସ୍ତା ପକାଇ ବାନ୍ଧିଥିଲେ। ଏହା ଦ୍ୱାରା କିରା ଶାସନ, କୁଡାପଡା, ଚନ୍ଦିମାଲ, ଗାୟମାଲ ଆଦି ଗ୍ରାମବାସୀ ସେମାନଙ୍କ ରବି ଫସଲକୁ ବଞ୍ଚାଇପାରିବା ଆଶା ରଖିଥିବା କହିଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଘୋଷିତ ଏକ ଚେକ୍‌ଡ୍ୟାମ ଏଠାରେ କାର୍ଯ୍ୟକାରୀ କରାଗଲେ ଭେଡେନ୍ ନଦୀକୂଳରେ ଥିବା ହଜାର ହଜାର କୃଷକ ଉପକୃତ ହୋଇପାରନ୍ତେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତ।

# ମାତୃପିତୃହୀନ ଅନୁଷ୍ଠାନରେ ରହିବେ ୫୪ ପିଲା

ସମ୍ବଲପୁର,୧୭।୩(ବ୍ୟୁରୋ)

**୫-ଟିର ପଦକ୍ଷେପ, ସରକାର ନେବେ ଯତ୍ନ**

ସମ୍ବଲପୁର ଜିଲା ତପସ୍ୱିନୀ ପ୍ରେକ୍ଷାଳୟରେ ବୁଧବାର ଜିଲା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାରୁ ଚିହ୍ନଟ ହୋଇଥିବା ମାତୃପିତୃହୀନ ପିଲାମାନଙ୍କୁ ମାତୃପିତୃହୀନ ଅନୁଷ୍ଠାନରେ ରଖାଯିବାକୁ ସ୍ଥିର ହୋଇଥିଲା। ଶିଶୁ ସୁରକ୍ଷା ସମିତି ଅଧକ୍ଷ ବ୍ରଜେନ୍ଦ୍ର କୁମାର ପଣ୍ଡା, ଗୀତାଞ୍ଜଳି ମହାପାତ୍ର, ଡିସିପିଓ ସୁଚିସ୍ମିତା ପଟ୍ଟନାୟକ, ଉତ୍ତମ ପ୍ରଧାନ, ବବିତା କର, ବିଶ୍ୱଜିତ୍ ସାହୁ, ସତ୍ୟାନନ୍ଦ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ୫-ଟି ବିଭାଗ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ଜିଲାରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମାତୃପିତୃହୀନ ପିଲାମାନଙ୍କୁ ଚିହ୍ନଟ କରାଯାଇଥିଲା। ସମ୍ବଲପୁର ଜିଲାର ୯ ବ୍ଲକ ଓ ମହାନଗର ନିଗମ ଅଧୀନରେ ଏହି କାର୍ଯ୍ୟ ପାଇଁ ଅଙ୍ଗନୱାଡି କର୍ମୀ ନିୟୋଜିତ ହୋଇଥିଲେ। ଜିଲାରେ ୩୦୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ ଚିହ୍ନଟ କରାଯାଇଥିଲା। ଏମାନେ ଏବେ କେଉଁ ସ୍କୁଲରେ ପଢୁଛନ୍ତି, କେଉଁ ଶ୍ରେଣୀରୁ ପଢ଼ିବା ଛାଡିଛନ୍ତି, ଏବେ କାହା ସାଙ୍ଗରେ ରହୁଛନ୍ତି, ସେମାନଙ୍କର ଆର୍ଥିକ ସ୍ଥିତି କିଭଳି ରହିଛି, ସେ ନେଇ ରିପୋର୍ଟ ସଂଗ୍ରହ ହୋଇଥିଲା। ପରେ ପ୍ରତି ବ୍ଲକସ୍ତରରେ ଚିହ୍ନଟ ପିଲାମାନଙ୍କୁ କାଉନ୍‌ସେଲିଂ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ମୋଟ ୫୪ ପିଲାଙ୍କୁ ପ୍ରଶାସନ ମାତୃପିତୃହୀନ ଅନୁଷ୍ଠାନରେ ରଖିବାକୁ ସ୍ଥିର କରିଥିଲା। ଉକ୍ତ ପିଲାମାନଙ୍କ ରହିବା, ଖାଇବା ସହ ପାଠ ପଢ଼ାଇବା ଦାୟିତ୍ୱ ସରକାର ବହନ କରିବେ। ଅନ୍ୟ ପିଲାମାନଙ୍କୁ ମଧ ଆବଶ୍ୟକ ଅନୁସାରେ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ।

# ହୀରାଖଣ୍ଡ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

ସମ୍ବଲପୁର, ୧୭।୩ (ବ୍ୟୁରୋ)

ପ୍ରଥମ ହୀରାଖଣ୍ଡ ନାଟ୍ୟ ମହୋତ୍ସବ-୨୦୨୧ ମଙ୍ଗଳବାର ରାତିରେ ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଉଦ୍‌ଯାପିତ ହୋଇଯାଇଛି। ଲୁ ପଦ୍ମପୁର କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ଲେଙ୍ଗଡା ରାଜା ନାଟକକୁ କେଶରଞ୍ଜନ ପ୍ରଧାନ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱର ଗାଥା ଅସୁର ଗଡର ବୀରଗାଥାକୁ ଡ. ଦ୍ୱାରିକାନାଥ ନାୟକ ରଚନା କରିଥିବା ବେଳେ ଅତିଶ କୁମାର ଶତପଥି ନିର୍ଦ୍ଦେଶନା ଦେଇଥିଲେ। ସନ୍ଧ୍ୟାରାଣୀ ପୃଷ୍ଟିଙ୍କ ସଂଯୋଜନାରେ ଓଡିଶା ସଂଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ମୁଖ୍ୟଅତିଥି ଓ ନାଟ୍ୟଶ୍ରୀ ଡ. ପଞ୍ଚାନନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ହରିହର ମିଶ୍ରଙ୍କୁ ହୀରାଖଣ୍ଡ ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ, କେନ୍ଦ୍ର ସାହିତ୍ୟ ନାଟକ ଏକାଡେମୀ ସହଭାଗିତାରେ ଉତ୍ସବ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ ମୁଖ୍ୟଅତିଥି, ଡ. ଦ୍ୱାରିକାନାଥ ନାୟକ ମୁଖ୍ୟବକ୍ତା, ଡ. ବିଜୟ କୁମାର ପ୍ରଧାନ, ଡ. ପଞ୍ଚାନନ ମିଶ୍ର, ଡ. ସୁରୁବାବୁ ମେହେର ନିମନ୍ତ୍ରିତ ଅତିଥି ଥିଲେ। ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଥମ ରଜନୀରେ ଅଦୃଶ୍ୟ ନାଟ୍ୟ ଆଶ୍ରମ କଳାକାର ବୈଷ୍ଣବ ଜନତୋ ନାଟକ ମଞ୍ଚସ୍ଥ କରିଥିଲେ।



ଅସୁର୍ ଗଡର୍ ବୀରଗାଥା ନାଟକର ଏକ ଦୃଶ୍ୟ।

# ମୃତ ଚାଷୀଙ୍କ ଘରେ ପହଞ୍ଚିଲା ପ୍ରଶାସନ

ସମ୍ବଲପୁର, ୧୭।୩ (ବ୍ୟୁରୋ)

ରାଜ୍ୟରେ ଧାନର ଅଭାବୀ ବିକ୍ରି ଓ ଚାଷୀ ସମସ୍ୟା ନେଇ ବିଧାନସଭାଠାରୁ ଆରମ୍ଭକରି ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯାଉଛି। ଏପରି ସମୟରେ ସମ୍ବଲପୁର ଜିଲା କତରବଗା ଥାନା କୁସୁମଡିହି ଗ୍ରାମର ଚାଷୀ ଦାମୋଦର ବରର୍ତ୍ତିଙ୍କ ଆତ୍ମହତ୍ୟା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। କୀଟନାଶକ ପିଇ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଋଣ ଭାର ଓ ଧାନ ବିକ୍ରି ଚିନ୍ତା କରି ଦାମୋଦର କୀଟନାଶକ ପିଇଦେଇଥିବା ସ୍ତ୍ରୀ ସଂଯୁକ୍ତା ଅଭିଯୋଗ କରିଛନ୍ତି। ବୁଧବାର ଦାମୋଦରଙ୍କ ଘରେ ସଦର ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ରେଙ୍ଗାଲି ତହସିଲଦାର ସୁନୀଲ ମେହେର, ବିଡିଓ ଶଙ୍କର ପ୍ରସାଦ ସାହୁ ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ। ପରିବାର ସଦସ୍ୟଙ୍କ ଅଭିଯୋଗକୁ ଆଧାର କରି ରିପୋର୍ଟ ପ୍ରସ୍ତୁତ କରାଯାଇଛି।

ଦାମୋଦରଙ୍କ ଭାଇ ଶରତଙ୍କ ଅଭିଯୋଗ କ୍ରମେ ତାଙ୍କର ୩ ଏକର ଜମି ରହିଥିବା ବେଳେ ଭାଗଚାଷ ମିଶି ମୋଟ ୬ ଏକର ଜମି ଚାଷ କରନ୍ତି। ଗଭୀର ନଳକୂପ ଦ୍ୱାରା ଚାଷ ହୋଇଥାଏ। ଗତ ଖରିଫରେ ଧାନ ଅମଳ ଭଲ ହୋଇଥିଲା। ନିଜ ଜମିର ପଞ୍ଜୀକରଣ ହୋଇଥିବା ଧାନ ବିକ୍ରି କରିଥିଲେ। ହେଲେ ଆହୁରି ଧାନ ବଳକା ରହିଯାଇଥିଲା। ଏହାକୁ ମହାଜନ ପାଖରେ ବିକ୍ରି କରିବାରୁ କ୍ଷତି ହୋଇଥିଲା। ଏଥି ଯୋଗୁ ମହାଜନଙ୍କ ଋଣ, ଗ୍ରୁପ ଋଣ ଓ ସମବାୟ ସମିତି ଋଣ ପରିଶୋଧ କରି ନ ପାରି ମାନସିକ ଚିନ୍ତାରେ ରହୁଥିଲେ। ରବି ଚାଷ ପାଇଁ ମଧ ପଞ୍ଜୀକରଣ କରିବାକୁ ଯାଇଥିଲେ। ହେଲେ ସେଠାରେ ବିଦ୍ୟୁତ୍ ବିଲ ବାଧ୍ୟତାମୂଳକ କରାଯାଇଛି। ବକେୟା ବିଦ୍ୟୁତ୍ ବିଲ ପୈଠ ନ କଲେ ପଞ୍ଜୀକରଣ ହୋଇପାରିବ ନାହିଁ ବୋଲି ନିୟମ ରହିଛି। ତେଣୁ ଆଗାମୀ ରବିରେ ମଧ ଧାନ ବିକ୍ରି କିଭଳି ହେବ ସେ ନେଇ ଚିନ୍ତାରେ ରହୁଥିଲେ। ମଙ୍ଗଳବାର ଘରେ କେହି ନ ଥିବା ସମୟରେ କୀଟନାଶକ ନେଇ ଧାନ ବିଲରେ ପିଇ ଦେଇଥିଲେ। କିଛି ସମୟ ପରେ ସେ ଘରକୁ ଫେରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ବୁଧବାର ଗ୍ରାମରେ ମୃତଦେହ ସତ୍କାର କରାଯାଇଥିଲା। ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଇଛି। ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସ୍ତ୍ରୀ ସଂଯୁକ୍ତା, ୨ ଝିଅ ସୁଷମା ଓ ସୌଦାମିନୀ ଅସହାୟ ହୋଇପଡିଛନ୍ତି।



ମୃତ ଦାମୋଦରଙ୍କ ସ୍ତ୍ରୀ ଓ ଦୁଇ ଝିଅ।

**ଋଣ ଭାର, ଧାନ ବିକ୍ରି ଚିନ୍ତାରେ କୀଟନାଶକ ପିଇଥିଲେ**

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୮ ମାର୍ଚ୍ଚ, ୨୦୨୧

## ଥାନା, ଫାଣ୍ଡି ସଂଖ୍ୟା ବୃଦ୍ଧି ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ଏଠାରେ ଫାଣ୍ଡି ଓ ଥାନା ସଂଖ୍ୟା ବୃଦ୍ଧି କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଚିଠି ଲେଖିଛନ୍ତି। ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକକୁ ନେଇ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଗଠିତ। ଲୋଇସିଂହା ଥାନା ଅଧୀନରେ ଥିବା ଆଗଲପୁର ଫାଣ୍ଡିକୁ ଥାନା ମାନ୍ୟତା ଦେବା ସହ ତୁଡୁକା ଓ କୁଟାସିଂହାରେ ଫାଣ୍ଡି ସ୍ଥାପନ କରାଯାଉଛି। ସେହିପରି ଲୋଇସିଂହା, ଭାଲିଆମୁଣ୍ଡା, କରକଟିଆ ଛକ ଓ ମାହାରପାଲି ଛକରେ ଫାଣ୍ଡି, ପୁଇଁତଲା ବ୍ଲକର ମହିମୁଣ୍ଡାରେ ଫାଣ୍ଡି ଓ ବଇରାସରଠାରେ ଥାନା ପ୍ରତିଷ୍ଠା ପାଇଁ ସେ ଦାବି କରିଛନ୍ତି।



### ସଂକ୍ଷେପରେ

## ରବିଋତୁ ଧାନକିଣା ପାଇଁ ବୈଠକ

**ଅତାବିରା, ୧୭।୩ (ଡି.ଏନ.ଏ):** ବରଗଡ ଜିଲା ଅତାବିରା କୃଷି ସୂଚନା କେନ୍ଦ୍ର କାର୍ଯ୍ୟାଳୟ ପରିସରରେ ବୁଧବାର ଅତାବିରା ବ୍ଲକର ୬ ଓ ଭେଡେନ ବ୍ଲକର ୫ଟି ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକମାନଙ୍କୁ ନେଇ ଏକ ବୈଠକ ବସିଥିଲା। ଚଳିତ ରବି ଋତୁ ଧାନ କିଣାବିକା କିପରି ସୁରୁଖୁରୁରେ ହୋଇ ପାରିବ ଏବଂ ଚାଷୀ ପଞ୍ଜିକରଣ ହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଡିଆରସିଏସ ଦୀନବନ୍ଧୁ ସାହୁ, ଏଆରସିଏସ ଗଜେନ୍ଦ୍ର ପଣ୍ଡା, ଅତାବିରା ବ୍ଲକ ସିଓ ସରୋଜ ମେହେର ପ୍ରମୁଖ ଯୋଗଦେଇଥିଲେ। ଅତାବିରା ବ୍ଲକର ୨ଟି ରାଜ୍ୟ କୃଷକ ସଂଗଠନର କର୍ମକର୍ତ୍ତା ନିଜ ଅଞ୍ଚଳର ଚାଷୀଙ୍କ ସମସ୍ୟାଗୁଡିକ ଉପସ୍ଥାପନ କରିଥିଲେ ।

## ବସ୍ରେନ ଫୁଟବଲ ଟୁର୍ଣ୍ଣାମେଣ୍ଟ: କଦଳୀମୁଣ୍ଡା ବିଜୟୀ

**ମୁରିବାହାଲ, ୧୭।୩ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ଆଦିବାସୀ ଯୁବକ ସଂଘ ପକ୍ଷରୁ ପ୍ରଥମ ବାର୍ଷିକ ମାଁ ବସ୍ରେନ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ଘୁଷୁରାମୁଣ୍ଡା ଓ କଦଳୀମୁଣ୍ଡା ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଟାଇବ୍ରେକର ୩-୨ଗୋଲରେ କଦଳୀମୁଣ୍ଡା ବିଜୟୀ ହୋଇଥିଲା। ଖେଳକୁ ଶ୍ରୀବତ୍ସ ବେହେରା, ଆଶୀର୍ବାଦ ସା, ଆଶିଷଦେବ ସା, ପ୍ରତାପ ଭୁଲ୍ଲା ପରିଚାଳନା କରିଥିଲେ। ଅତିଥିଭାବେ ବିଜେଡି ନେତା ଅଜିତ ଜୋଶୀ, ହଳଦୀ ସମିତି ସଭ୍ୟ ମଧୁସୂଦନ ମହାନନ୍ଦ, ସ୍ଥାନୀୟ ଷ୍ଟେଟବ୍ୟାଙ୍କ ପରିଚାଳକ ଜିତେନ୍ଦ୍ରିୟ ଲୁଗୁନ, କ୍ରୀଡାବିତ୍ ରମାରଞ୍ଜନ ପାତ୍ର, ଅଗ୍ନିଶମ ବିଭାର, ବିକ୍ରମ ନାୟକ, ଲକ୍ଷ୍ମୀକାନ୍ତ ବାଗ ପ୍ରମୁଖ ଯୋଗଦେଇଥିଲେ। ଗୁରୁବାର ମୁରିବାହାଲ ଓ କଦଳୀମୁଣ୍ଡା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ ।

## ବଣିକ ସଂଘର ବୈଠକ

**ଜାମଟିକ୍ରା, ୧୭।୩ (ଡି.ଏନ.ଏ):** ଅତାବିରା ବ୍ଲକ ସଭାଗୃହରେ ବଣିକ ସଂଘ ଓ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତହସିଲଦାର ଦୁର୍ଯ୍ୟୋଧନ ଭୋଇ ଓ ଅତାବିରା ଥାନା ଅଧିକାରୀ ପୁରୁଷୋତ୍ତମ ଭୋଇ ଯୋଗଦେଇ ଅତାବିରା ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବସ୍‌ଷ୍ଟାଣ୍ଡ ପାଖରେ ଥିବା ଠେଲା ଦୋକାନୀଙ୍କୁ ସ୍ଥାନାନ୍ତର କରିବା, ରାସ୍ତାକଡରେ ବସୁଥିବା ପରିବା ଦୋକାନ ସାପ୍ତାହିକ ବଜାରକୁ ସ୍ଥାନାନ୍ତର, ସଟ୍ଟା ଓ ନିଶା କାରବାରକୁ ରୋକାଯିବା ସମ୍ପର୍କରେ କଡା ପଦକ୍ଷେପ ଏବଂ ରାତ୍ରିକାଳୀନ ପାଟ୍ରୋଲିଂ କଡାକଡି କରାଯିବ ବୋଲି ଥାନା ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ ।

## ସ୍ୱଚ୍ଛ ଗ୍ରାମ, ସବୁଜ ଗ୍ରାମ ଉପରେ ତାଲିମ

**ବିନିକା,୧୭।୩(ଡି.ଏନ୍.ଏ.):** ସୁବର୍ଣ୍ଣପୁର ନେହେରୁ ଯୁବକେନ୍ଦ୍ର ,ଗଣପତି ୟୁଥ କ୍ଲବ ମେଘଲା ଓ ଅନିତା ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ବୁଧବାର ଯଶପୁରଠାରେ ସ୍ୱଚ୍ଛ ଗ୍ରାମ ,ସବୁଜ ଗ୍ରାମ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମେଘଲା ସରପଞ୍ଚ ମନୋଜ ସେଠୀ ଓ ସମ୍ମାନିତ ଅତିଥି ଭାବେ ପ୍ରହଲ୍ଲାଦ ପୋଦ୍ଧ ଯୋଗ ଦେଇଥିଲେ। ତାଲିମଦାତା ଭାବେ ବନ ସୁରକ୍ଷା ଅଧିକାରୀ ଜନାର୍ଦ୍ଦନ ସ୍ୱାଇଁ ଯୋଗ ଦେଇଥିଲେ। ଫାଉଣ୍ଡେସନର ମୁଖ୍ୟ ନକୁଳ ନାଏକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ଜାତୀୟ ଯୁବ ସ୍ୱେଚ୍ଛାସେବୀ ସରୋଜ କୁମାର ସାହୁ ପରିଚାଳନା କରିଥିଲେ। ଶିବିରରେ ଯଶପୁର ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଯୁବକ ଭାଗ ନେଇଥିଲେ।

## ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା,୧୭।୩(ଡି.ଏନ.ଏ):** ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ଓ ସ୍ଥାନୀୟ ସୁରସଙ୍ଗମ ସାଂସ୍କୃତିକ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଲୋଇସିଂହା ଆଇସିଡିଏସ ସଭାଗୃହଠାରେ ବ୍ଲକସ୍ତରୀୟ ଯକ୍ଷ୍ମା ରୋଗ ଉପରେ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବଗୋଷ୍ଠୀ ଛାତ୍ରୀଛାତ୍ର ଓ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏ.ଭି ନରସି କୁମାର. ଟି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ଜିଲା ସମାଜ ମଙ୍ଗଳ ଅଧିକାରୀ ନକୁଳ ସା, ସିଡିପିଓ ପ୍ରଜ୍ଞାପରମିତା ବାରିକ, ଡିପିସି ମିଶନ ଶକ୍ତି ସୁମନ ଦେବୀ ଉପସ୍ଥିତ ଥିଲେ। ଡାକ୍ତର ପ୍ରତିମା ସୋରେନ, ଆଶୁତୋଷ ହୋତା ଓ ଜ୍ୟୋତିମୟ ସରାଫ କାର୍ଯ୍ୟକ୍ରମରେ ଯୋଗଦେଇ ଯକ୍ଷ୍ମା ରୋଗର କାରଣ ଓ ନିରାକଣ ଉପରେ ଆଲୋକପାତ କରିଥିଲେ ।

# ଜଙ୍ଗଲ ସୁରକ୍ଷା ନେଇ ସାଇକେଲ ରାଲି

**ବଲାଙ୍ଗୀର ଅଫିସ, ୧୭।୩**


ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ସାଇକେଲ ରାଲିକୁ ପ୍ରଫେସର ମଧୁସୂଦନ ପତି ଉଦ୍‌ଘାଟନ କରୁଛନ୍ତି।

- ଗାନ୍ଧୀଭବନରୁ ଗନ୍ଧରେଲ ପରିକ୍ରମା କଲା
- ନାଗରିକ-ପ୍ରଶାସକ ସହଯୋଗୀ ହେଲେ ପରିବର୍ତ୍ତନ ସମ୍ଭବ

ବଲାଙ୍ଗୀର ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ନଷ୍ଟ ହେଉଛି। ଏହାର ମୁକାବିଲା ପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି। ବଲାଙ୍ଗୀର ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ବୁଧବାରଠାରୁ ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନ ସ୍ଥାନୀୟ ଗାନ୍ଧୀଭବନ ସମ୍ମୁଖରୁ ଗନ୍ଧରେଲ ଗାଁକୁ ଏକ ସଚେତନତା ସାଇକେଲ ଶୋଭାଯାତ୍ରା ବାହାରିଥିଲା। ଗାନ୍ଧୀ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା ପରେ ପ୍ରଫେସର ମଧୁସୂଦନ ପତି ସାଇକେଲ ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସାଧାରଣ ନାଗରିକ ସମାଜ ଓ ପ୍ରଶାସନ ସହଯୋଗୀ ହେଲେ ସମାଜରେ ବୈପ୍ଲବିକ ପରିବର୍ତ୍ତନ ସମ୍ଭବ ହେବ ବୋଲି ପ୍ରଫେସର ପତି ଶୁଭେଚ୍ଛା ବାର୍ତ୍ତାରେ କହିଥିଲେ । ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଆବାହକ ସୁନୀଲ ମହାନ୍ତି ଏବଂ ଅଧକ୍ଷ ହେମନ୍ତ କୁମାର ପଣ୍ଡାଙ୍କ ସାଇକେଲ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଏଥିରେ ଡିଏଫ୍‌ଓ ସମୀର ଶତପଥୀ, ଜିଲା ଜଙ୍ଗଲ ଫୋରମ୍ ଆବାହକ କୁଳମଣି ସାହୁ, ୟୁଥ୍ ଆକ୍ସନ କମିଟି ସଭାପତି ବିନୋଦ କାଲସାଏ, ମାହେଶ୍ୱରୀ ସଙ୍ଗଠନର ଅଙ୍କୁଶ ପାଣ୍ଡିଆ, ଶୋଭନ ଅଗ୍ରୱାଲ, କୀର୍ତ୍ତି କଶେୱାନି, ସାହିଲ ସିଂ ଗଡତ୍ୟା, ପରିବେଶପ୍ରେମୀ ସୁଧୀର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବୀରେନ୍ଦ୍ର ଝାଙ୍କର, ପ୍ରଶାନ୍ତ ମହାକୁର, ଫରେଷ୍ଟର ବ୍ୟାସଦେବ ସାହୁ, ଅନିରୁଦ୍ଧ ଖର୍ସେଲ ପ୍ରମୁଖ ସହର ପରିକ୍ରମା କରି ଗନ୍ଧରେଲ ଗାଁକୁ ଯାଇଥିଲେ।

ଗନ୍ଧରେଲଠାରେ ଅଭିଯାନ ଅଧକ୍ଷ ପଣ୍ଡାଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜଙ୍ଗଲକୁ ନିଆଁଦାଉରୁ ରକ୍ଷା କରିବା ସହ କିଭଳି ଜୈବ ବିବିଧତାକୁ ସୁରକ୍ଷା ଦେବା ସେ ନେଇ ଆଲୋଚନା ହୋଇଥିଲା । ସଭାରେ ଗୋଲାପ ବାଗ, ଗନ୍ଧରେଲ ବନ ସୁରକ୍ଷା ସମିତି ସଭାପତି ମନୋରଞ୍ଜନ ସାଏ, ଗୋପଭୂଷଣ ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ମହୁଲ ଫୁଲ ଓ କେନ୍ଦୁପତ୍ର ଗୋଛାକଟା ବେଳେ ଲୋକେ ଲଗାଉଥିବା ନିଆଁରୁ ସମଗ୍ର ଜଙ୍ଗଲ ଜଳିପୋଡି ନଷ୍ଟ ହେଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ଆଗାମୀ ଦିନରେ ମହୁଲ ଫୁଲ ସଂଗ୍ରହ ଓ କେନ୍ଦୁପତ୍ର ଗୋଛାକଟା ବେଳେ ବ୍ୟାପକ ସାବଧନତା ଅବଲମ୍ବନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଫୁଲଝରନ୍ ଗାଁରେ ଜଙ୍ଗଲ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବନ ସୁରକ୍ଷା ସମିତି ଓ ଗ୍ରାମବାସୀଙ୍କୁ ୧୦ହଜାର ଟଙ୍କା ପୁରସ୍କାର ଦିଆଯିବ ଓ ଗନ୍ଧରେଲ ଗ୍ରାମବାସୀଙ୍କୁ ୪ଟି ଟର୍ଚ୍ଚଲାଇଟ୍ ଦିଆଯିବ ବୋଲି ଡିଏଫ୍‌ଓ ଶତପଥୀ ସଭାରେ ଘୋଷଣା କରିଥିଲେ। କବି ଅର୍ଜୁନ ସାହୁ ସଚେତନତାମୂଳକ କୋଶଲୀ କବିତା ପାଠ କରିଥିଲେ। ୟୁଥ୍ ଆକ୍ସନ କମିଟି ସଭାପତି କାଲସାଏ ଓ ପ୍ରଶାନ୍ତ ମହାକୁର ଉପସ୍ଥିତ ଲୋକଙ୍କୁ ଜଙ୍ଗଲ ସୁରକ୍ଷା ନେଇ ଶପଥ ପାଠ କରାଇଥିଲେ। ଏହି ସଚେତନତା ଅଭିଯାନ ପଥରଚେପା, ଫୁଲଝରନ୍, ବୈଦପାଲି, ମାଙ୍କଡଗୁଆଁ, ବରକାନୀ ଓ ଖର୍ଲକାନୀ ଗ୍ରାମ ପରିକ୍ରମା କରିବ।

## ଭେଟେରାନ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ: ତୁଷୁରାକୁ ଟାଇଟଲ


ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରାଯାଉଛି ।

**ଦେଓଗାଁ/ଗୁଡଭେଲା, ୧୭।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ତୁଷୁରା ଷ୍ଟାଡିୟମରେ ବୁଧବାର ଭେଟେରାନ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଦେଓଗାଁ ଓ ତୁଷୁରାର ଭେଟେରାନ ଖେଳାଳିମାନଙ୍କୁ ନେଇ ଅନୁଷ୍ଠିତ ମ୍ୟାଚରେ ତୁଷୁରା ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୧୦୭ ରନ କରିଥିଲା । ଜବାବରେ ଦେଓଗାଁ ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ହରାଇ ୯୩ରନ କରି ପାରିଥିଲା । ଫଳରେ ୧୪ରନରେ ତୁଷୁରା ବିଜୟୀ ହୋଇ ଟାଇଟଲ ହାସଲ କରିଥିଲା। ଖେଳକୁ ଶୁଭ୍ରାଂଶୁ ପଣ୍ଡା ପରିଚାଳନା କରିଥିଲେ । ଦେଓଗାଁର ସନ୍ତୋଷ ପଧାନ ମ୍ୟାନ ଅପ ଦି ମ୍ୟାଚଭାବେ, ବେଷ୍ଟ ବୋଲର ସୁରେଶ ସାହୁ ଓ ବେଷ୍ଟ କ୍ଷେତ୍ରରକ୍ଷକ ଚିତ୍ତରଞ୍ଜନ ମାହାଣାଙ୍କୁ ପୁରସ୍କୃତ କରାଯାଇଥିଲା। ଚଳଚ୍ଚିତ୍ର ଅଭିନେତା ରତନ ମେହେରଙ୍କ ପରିଚାଳନା ତଥା ସାମାଜିକ କର୍ମୀ ଦୀନଦୟାଲ କେଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଖେଳାଳି ରଶ୍ମିରଞ୍ଜନ ବଗର୍ତ୍ତୀ, ସମ୍ମାନୀତ ଅତିଥି ତୁଷୁରା ଡିଗ୍ରୀ କଲେଜ ଅଧକ୍ଷ ସରୋଜ ପ୍ରଧାନ, ଖେଳ ଶିକ୍ଷକ ପ୍ରଶାନ୍ତ ପାଢ଼ୀ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ।

## ଜଙ୍ଗଲରେ ନିଆଁ ଲିଭାଇଲେ ବନ ସୁରକ୍ଷା ସମିତି ସଦସ୍ୟ

**ବାଉଁଶୁଣୀ, ୧୭।୩ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଶଗଡା ଗ୍ରାମ ପଞ୍ଚାୟତ ରୁଗୁଡିକନପା ଗ୍ରାମ ନିକଟ ଗ୍ରାମ୍ୟ ଜଙ୍ଗଲରେ ଲାଗିଥିବା ନିଆଁକୁ ବନ ସୁରକ୍ଷା ସମିତି ସଦସ୍ୟମାନେ ଲିଭାଇ ଥିବା ଜଣାଯାଇଛି। ସମିତିର ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ପ୍ରକାଶ ଯେ, କୌଣସି କାରଣରୁ ଜଙ୍ଗଲରେ ନିଆଁ ଲାଗି ଯାଇଥିଲା । ଏହା ଜାଣିବା ପରେ ଗ୍ରାମରେ ଗଠିତ ବନ ସୁରକ୍ଷା ସମିତି ସଦସ୍ୟ ତଥା ଗ୍ରାମବାସୀ ମିଶି ଜଙ୍ଗଲରେ ଲାଗିଥିବା ନିଆଁକୁ ବହୁ କଷ୍ଟରେ ଆୟତ୍ତ କରିଥିଲେ। ବନ ସୁରକ୍ଷା ସମିତିର ସଭାପତି ସନ୍ତୋଷ ମାଝୀ, ସଦସ୍ୟ ସାନୁର୍ଜ ଛନ୍ଦ, ଅଙ୍ଗଦ ଛନ୍ଦ, ଶେଷଦେବ ସେଠୀ, ତୁଳସୀ ପ୍ରଧାନ, ସପ୍ତେ ଛନ୍ଦ, କୃଷ୍ଣ କ୍ଷେତି, ସୁଶିଲ ଛନ୍ଦ, କୈଳାଶ ଛନ୍ଦ, ଫିରି ମଲ୍ଲିକ, ଅକ୍ଷୟ ଛନ୍ଦ, ପ୍ରମୁଖ ବନାଗ୍ନିକୁ ନିୟନ୍ତ୍ରଣ କରିଥିବା ଜଣାପଡିଛି ।

# ପ୍ରକୃତି, ସଂସ୍କୃତିର ସୁରକ୍ଷା ଲୋଡା


ଅତିଥିମାନେ କନ୍ଧାନ ପତ୍ରିକାର ଉନ୍ମୋଚନ କରୁଛନ୍ତି।

**ମୁରିବାହାଲ, ୧୭।୩ (ଡି.ଏନ.ଏ)**

**ମୁରିବାହାଲରେ ଧରନୀ ମହୋତ୍ସବ**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସଦର ସ୍ଥିତ କନ୍ଧପଡାଠାରେ ଜିଲା କନ୍ଧ ସମାଜ ଯୁବ ସଂଗଠନ ପକ୍ଷରୁ ପ୍ରଥମ ବାର୍ଷିକ ଧରନୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜାଡେନ ପୀଠରେ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଂଗଠନ ସଭାପତି ସୁରେଶ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ସିକ୍କା, ଉପସଭାପତି ଧନେଶ୍ୱର ମାଝୀ, ଗୋପି ପାଙ୍ଗି, ଡମ୍ବରୁଧର ମାଝୀ, ବବିତା ମାଝୀ, କିରଣ ଭୋଇ, ବନିତା ପ୍ରଧାନୀ, ଡମ୍ବରୁଧର କୁଅଁର, ଉତ୍କଳ କନ୍ଧ ସମାଜ ସହ ସମ୍ପାଦକ ଦୁର୍ଜନ ମାଝୀ, କନ୍ଧ ସଂସ୍କୃତି ଗବେଷକ ମେଦିନିଧର ଜାନୀ, ସତ୍ୟନାରାୟଣ ଭୋଇ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସଂଗଠନ ସଭାପତି ସୁରେଶ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ ଡିଙ୍ଗର ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। କନ୍ଧ ଜାତିର ସଂସ୍କୃତି ଓ ପ୍ରକୃତିର ସୁରକ୍ଷା ଆମକୁ ସ୍ୱତନ୍ତ୍ର ପରିଚୟ ଦେଇଛି । ପ୍ରକୃତିର ପୂଜକ କନ୍ଧ ଜାତି ତାର ସଂସ୍କୃତି, ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବ। ଆଗାମୀ ଦିନରେ କନ୍ଧ ଜାତିର ଏକତାକୁ ସୁଦୃଢ଼ କରି ଜଳ, ଜମି, ଜଙ୍ଗଲ ତଥା ନିଜର ଅଧିକାର ପାଇଁ ଲଢ଼େଇ କରିବାକୁ ଆହ୍ୱାନ ଦିଆଯାଇଥିଲା। କନ୍ଧାନ ଭାଷା ସୁରକ୍ଷାର ବାର୍ତ୍ତାବହ କନ୍ଧାନ ପତ୍ରିକା ଧ୍ରନି ଏବଂ ୱେବନ୍ୟୁଜ ପୋର୍ଟାଲ କନ୍ଧାନ ଟିଭିର ଶୁଭ ଉନ୍ମୋଚନ କରାଯାଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଖୁସିରାମ ଜାନୀ ସଭା ସଂଯୋଜନା କରିଥିଲେ। କବି ଘନଶ୍ୟାମ ଭୋଇଙ୍କ ସଂଯୋଜନାରେ କନ୍ଧାନ କବିତା ପାଠ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କବି କ୍ଷିତିଶ ଚନ୍ଦ୍ର ଭୋଇ, ଲଳିତ ଭୋଇ, ରୁକ୍ମିଣୀ ପ୍ରଧାନୀ, ଗୋପାଳ ସିଂ ଭୋଇ, ତୁଳସୀ ଭୋଇ, ରମେଶ ଭୋଇ, କୃତିବାସ ଭୋଇ, ଶମ୍ଭୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

## ଧାନ କ୍ରୟ ଟାର୍ଗେଟ ବୃଦ୍ଧି ଦାବିରେ ଚାଷୀଙ୍କ ଧାରଣା

**ଜହ୍ନାପଙ୍କ, ୧୭।୩ (ଡି.ଏନ.ଏ)**

ଧାନ କ୍ରୟ ଟାର୍ଗେଟ ବୃଦ୍ଧି ଦାବିରେ ବୁଧବାର ବୌଦ୍ଧ ବ୍ଲକ ବଘିଆପଡା ମଣ୍ଡିର ଚାଷୀମାନେ ସୋସାଇଟିରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ପ୍ରକାଶ ଯେ, ବଘିଆପଡା ମଣ୍ଡିରୁ ୩୩ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଦିଆଯାଇଥିଲା। ଏହାପରେ ୨ଟି ଫେଜ୍‌ରେ ୧୦୦୦ କୁଇଣ୍ଟାଲ ବଢ଼ାଗଲା । ତେବେ ବହୁ ଚାଷୀ ଧାନ ବିକ୍ରି କରି ପାରି ନାହାନ୍ତି। ବାକି ଧାନତକ କେଉଁଠି ବିକ୍ରି କରିବୁ ବୋଲି ଚାଷୀମାନେ ପ୍ରଶ୍ନ କରିବା ସହ ଧାରଣାରେ ବସିଥିଲେ। ଦୀର୍ଘ ସମୟ ଧାରଣାରେ ବସିଥିଲେ ହେଁ କୌଣସି ପ୍ରଶାସନିକ ଅଧିକାରୀ ଆସି ନ ଥିଲେ। ବଘିଆପଡା ଫାଣ୍ଡି ଅଧିକାରୀ ଓ ପୋଲିସ କର୍ମଚାରୀ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଚାଷୀମାନେ ନିଜ ଜିଦ୍‌ରେ ଅଟଳ ଥିଲେ। ଜିଲା ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ତହସିଲଦାରଙ୍କୁ କୃଷକ ସଂଗଠନର ଦାବିପତ୍ର



ତହସିଲଦାରଙ୍କୁ ରାଜ୍ୟ କୃଷକ ସଂଗଠନ କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

**ଅତାବିରା, ୧୭।୩ (ଡି.ଏନ.ଏ)**

ନୂତନ ପଞ୍ଜୀକରଣ ନିୟମ ଚାଷୀଙ୍କ ଚିନ୍ତା ବଢାଇଛି । ସରକାର ପ୍ରତିବର୍ଷ ନିୟମ ପରିବର୍ତ୍ତନ କରି ଚାଲିଥିବାରୁ ପଞ୍ଜୀକରଣ ସମୟରେ ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚଳିତ ବର୍ଷ ଜମି ପଟ୍ଟାରେ ନାମ ଥିବା ମାଲିକଙ୍କ ଭୋଟ ପରିଚୟପତ୍ର,ଆଧାର କାର୍ଡ ସମେତ ଅନ୍ୟାନ୍ୟ ଦସ୍ତାବିଜ ଚାଷୀ ପଞ୍ଜୀକରଣ ସମୟରେ ଦେବାକୁ ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶ ରହିଛି । ଏହାର ପ୍ରତିବାଦରେ ବୁଧବାର ଓଡିଶା ରାଜ୍ୟ କୃଷକ ସଂଗଠନ ଅତାବିରା ବ୍ଲକ କର୍ମକର୍ତ୍ତାମାନେ ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏ ନେଇ ହୋଇଥିବା ନିୟମାବଳୀ ସଂଶୋଧନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ଅତାବିରା ଅଞ୍ଚଳର ଶତାଧିକ ପରିବାର ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ଅଧିକାଂଶ ଚାଷୀ ପରିବାର ଯୌଥ ପରିବାର ହୋଇଥିବାରୁ ପରିବାର ମୁଖ୍ୟଙ୍କ ନାମରେ ଜମି ପଟ୍ଟା ରହିଛି। ଅନେକ ପରିବାରର ଜମି ମାଲିକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଚାଷୀ ପଞ୍ଜୀକରଣ ସମୟରେ ଏହା ବଡ ସମସ୍ୟା ବୋଲି ଦର୍ଶାଯାଇଛି। ଚାଷୀନେତା ହାରାଧନ ବାରିକ, ସମ୍ପାଦକ ଲୋକେଶ୍ୱର ପ୍ରଧାନ, ଭିକାରୀ ଚରଣ ବାରିକ ପ୍ରମୁଖ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ବନ୍ଦ କୋଠରିରେ ଶ୍ରମିକଙ୍କ ମୃତଦେହ

**ଅତାବିରା,୧୭।୩(ଡି.ଏନ.ଏ)**

- ହତ୍ୟା ସନ୍ଦେହ, ଜଗି ବସିଛି ପୋଲିସ
- ସ୍ତ୍ରୀ, ପିଲାଛୁଆଙ୍କ ପତ୍ତା ମିଳୁ ନାହିଁ

ବରଗଡ଼ ଜିଲା ଅତାବିରା ଥନା ସିଂହପାଲି ଗ୍ରାମର ଏକ ଆବଦ୍ଧ କୋଠରୀରେ ଜଣେ ଶ୍ରମିକଙ୍କ ମୃତଦେହ ପଡ଼ିଛି। ମୃତକଙ୍କ ସମ୍ପୂର୍ଣ୍ଣ ପରିଚୟ ଜଣାପଡ଼ି ନାହିଁ। ସେ ଛତିଶଗଡ଼ର ମୂଳ ବାସିନ୍ଦା ଏବଂ ତାଙ୍କ ଡାକନାମ ମୁନିରାମ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେବେ ମୃତଦେହ କୋଠରୀ ଭିତରେ ପଡ଼ିଥିବାବେଳେ କବାଟର ବାହାର ପଟୁ ତାଲା ପଡ଼ିଥିବା ଯୋଗୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଖବର ଲେଖାହେବା ସୁଦ୍ଧା(ରାତ୍ରି ୮ଟା ପର୍ଯ୍ୟନ୍ତ) ଶବ ଉଦ୍ଧାର ହୋଇପାରିନାହିଁ। ପୋଲିସ ସେଠାରେ ମୃତଦେହ ଜଗି ରହିଛି। ଏ ସମ୍ପର୍କରେ ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ଏତଲା ହୋଇ ନ ଥିବା କହିଛନ୍ତି। ରାତି ହୋଇଯାଇ ଥିବା ଯୋଗୁ ମୃତଦେହ ଉଦ୍ଧାର ହୋଇପାରି ନାହିଁ, ଗୁରୁବାର ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି କହିଥିଲେ।

ପ୍ରକାଶ ଯେ, ଗତ କିଛିମାସ ତଳୁ ମୃତକ ତାଙ୍କ ପରିବାରକୁ ଧରି ସିଂହପାଲି ଗ୍ରାମକୁ ଆସିଥିଲେ । ଗ୍ରାମର ଗୁଣ୍ଡୁ ଭୁଏଁଙ୍କ ଘରକୁ ଭଡ଼ାରେ ନେଇ ସେଠାରେ ସେମାନେ ରହି ଇଟାଗଡ଼ା କାମରେ ସେମାନେ ନିୟୋଜିତ ଥିଲେ। ତେବେ ଗତ ୪/୫ଦିନ ପୂର୍ବରୁ ଶ୍ୱଶୁର ସେଠାକୁ ଆସିଥିଲେ ଏବଂ ମୃତକଙ୍କ ସ୍ତ୍ରୀ, ପିଲାଛୁଆଙ୍କୁ ନେଇ ଯାଇଥିଲେ। ଅନ୍ୟପକ୍ଷେ ସ୍ତ୍ରୀ ପିଲାଛୁଆ ଗଲା ପରଠାରୁ ମୁନିରାମଙ୍କୁ ଦେଖିବାକୁ ମିଳୁ ନଥିଲା ଏବଂ ବୁଧବାର ସକାଳୁ ସେ ରହୁଥିବା ଘରୁ ଦୁର୍ଗନ୍ଧ ବାହାରୁଥିବା ସ୍ଥାନୀୟ ଲୋକେ ଜାଣିବାକୁ ପାଇଥିଲେ। ଏ ନେଇ ପୋଲିସକୁ ସୂଚନା ଦିଆଯାଇଥିଲା। ମାତ୍ର ପୋଲିସ ପହଞ୍ଚିବା ବିଳମ୍ବ ହେବାରୁ ସ୍ଥାନୀୟ ଲୋକେ ସନ୍ଧ୍ୟାରେ ତାଲା ଭାଙ୍ଗି ସେହି କୋଠରୀରେ ଶ୍ରମିକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ।

## କୃଷି ଆଇନକୁ ରଦ୍ଦ କର

**ବଲାଙ୍ଗୀର ଅଫିସ, ୧୭।୩**

କୃଷକ ଅଧିକାର ଯାତ୍ରା ବୁଧବାର ସ୍ଥାନୀୟ ଯାଦବ ଭବନଠାରେ ପହଞ୍ଚିବା ପରେ ବଲାଙ୍ଗୀର ଜୟ କିଷାନ ଆନ୍ଦୋଳନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସେଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡିଶା କୃଷକ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ କେନ୍ଦ୍ର ସରକାରଙ୍କ ତିନି କଳା କୃଷି ଆଇନକୁ ତୁରନ୍ତ ରଦ୍ଦ କରିବାକୁ ଦାବି କରିଥିଲେ । ଆଗାମୀ ଦିନରେ କୃଷି ଆଇନ୍ ପ୍ରତ୍ୟାହାର ଆନ୍ଦୋଳନ ଅଧିକ ବ୍ୟାପକ ହେବ ବୋଲି ସେ କହିଥିଲେ। ଅଖିଳ ଭାରତ କିଷାନ ମଜଦୁର ସଭାପତି ଭାଲଚନ୍ଦ୍ର ଷଡଙ୍ଗୀ କହିଥିଲେ ଯେ, ତିନ କୃଷି ଆଇନକୁ ବିରୋଧ କରି ଦେଶବ୍ୟାପୀ କୃଷକ ଆନ୍ଦୋଳନ ଚାଲିଥିବାବେଳେ ସରକାର ଏହାର ସମାଧାନ ନକରି କର୍ପୋରେଟମାନଙ୍କ ସହ ଠିଆ ହୋଇଛନ୍ତି। ଏନଏପିଏମର ରାଷ୍ଟ୍ରୀୟ ଆବାହକ ପ୍ରଫୁଲ୍ଲ ସାମନ୍ତରା ତାଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ତିନି କଳା କୃଷି ଆଇନ୍‌ରୁ ଦୃଷ୍ଟି ଏଡାଇବା ପାଇଁ ବିଧାନସଭାରେ ଭାଜପା ବିଧାୟକ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ରଚିଥିବା ବିଜେଡି ପକ୍ଷରୁ କୁହାଯାଉଛି। ହେଲେ କୃଷି ଆଇନ୍‌କୁ ରଦ୍ଦ କରିବା ପାଇଁ ଦାବି ନକରିବାକୁ ନେଇ ସେ ବିଜେଡିକୁ ସମାଲୋଚନା କରିଥିଲେ । ବଲାଙ୍ଗୀର ଜୟ କିଷାନ ଆନ୍ଦୋଳନର ଆବାହକ ସତ୍ୟ ବନଛୋର ସ୍ୱାଗତ କରିଥିଲେ। ଅନ୍ୟତମ ଆବାହକ ତ୍ରିଲୋଚନ ପୁଞ୍ଜି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସୌରୀ ସାହୁ, ବ୍ୟାସଦେବ ଥନାପତି, ପରଦେଶୀ ବିଶ୍ୱାଳ, ଜଗନ୍ନାଥ ମାହାଣା, ସୁମନ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ବାର ଆନ୍ଦୋଳନ ପାଇଁ ଆହ୍ୱାନ

**ବରଗଡ଼ ଅଫିସ୍,୧୭।୩**

କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ଚାଷୀଙ୍କ ହିତ ପାଇଁ ନୁହେଁ ସର୍ବନାଶ କରିବ। ଉକ୍ତ ଆଇନ ଦ୍ୱାରା ପୁଞ୍ଜିପତିମାନେ ଲାଭ ଉଠାଇବେ ଏବଂ ସାରାଦେଶର କୃଷକ କୃଷି ଭିତ୍ତିଭୂମି କମ୍ପାନୀ କବ୍‌ଜାକୁ ଚାଲିଯିବ। ଫଳରେ ଏହି ଆଇନକୁ ରଦ୍ଦ କରିବା ପାଇଁ ଦୁର୍ବାର ଆନ୍ଦୋଳନ କରିବାକୁ ପଡ଼ିବ। କୃଷକ ସଂଘର୍ଷ ସମନ୍ୱୟ ସମିତି, ସଂଯୁକ୍ତ କିସାନ ମୋର୍ଚ୍ଚା ଆୟୋଜନରେ ଚାଲିଥିବା କୃଷକ ଅଧିକାର ଯାତ୍ରା ବୁଧବାର ସନ୍ଧ୍ୟାରେ ବରଗଡ଼ ଗାନ୍ଧିଛକ ପହଞ୍ଚିବା ପରେ ସେଠାରେ ଆୟୋଜିତ ଏକ ପଥପ୍ରାନ୍ତ ସଭାରେ ଚାଷୀନେତାମାନେ ଉଦ୍‌ବୋଧନ ଦେଇ ଏହି ଆହ୍ୱାନ କରିଛନ୍ତି।

କୃଷକ ଅଧିକାର ଯାତ୍ରା ଜିଲାର ପଦ୍ମପୁର ଦେଇ ବରଗଡ଼ ପହଞ୍ଚିଥିଲା। ଆସିବା ବାଟରେ ପଦ୍ମପୁରରେ ରାଜବୋରାସମ୍ବର କୃଷକ ସଂଗଠନର ପ୍ରତିନିଧିମାନେ ଏହି ଯାତ୍ରାକୁ ସ୍ୱାଗତ କରିଥିଲେ। ଚାଷୀନେତା ରମେଶ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ନ୍ୟାଶନାଲ ଏଲାଏନ୍ସ ଅଫ୍ ପିପୁଲ୍ସ ମୁଭମେଣ୍ଟର ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ଅଖିଳ ଭାରତ କୃଷକ ସଭାର ରାମଚନ୍ଦ୍ର ମୁଦୁଲି, ଓଡ଼ିଶା କୃଷକ ସଭାର ପରମେଶ୍ୱର ସାମନ୍ତରାୟ, ଅଖିଳ ଭାରତ କିଷାନ ମଜଦୁର ସଭାର ଭାଲଚନ୍ଦ୍ର ଷଡ଼ଙ୍ଗୀ, ଅଲ ଇଣ୍ଡିଆ କୃଷକ କ୍ଷେତ ମଜଦୁର ସଂଗଠନର ନିରଞ୍ଜନ ମହାନ୍ତି, ଅଖିଳ ଭାରତ କ୍ରାନ୍ତୀକାରୀ କୃଷକ ସଭାର ଶଙ୍କର ସାହୁ, ଇନସାଫ୍-ଓଡ଼ିଶାର ନରେନ୍ଦ୍ର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବରଗଡ଼ ଆସିବା ବାଟରେ ଦଶମୋଇଲ ଛକରେ ମଧ୍ୟ ଜୟ କିଶାନ ଆନ୍ଦୋଳନ ପକ୍ଷରୁ ଏହି ଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଜୟ କିଶାନ ଆନ୍ଦୋଳନର ସୁଶିଲ କୁମାର ସାହୁ, ସମ୍ପାଦକ ହର ବଣିଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବରଗଡ଼ ଗାନ୍ଧିଛକରେ ଏମଡ଼ି ନିଜାମ, କିଶୋର ସାହୁ, ବିରଞ୍ଚି ମହାକୁର, ନିରଞ୍ଜନ ପ୍ରଧାନ, ନିମାଇଁ ମହାପାତ୍ର, ଚିତ୍ତରଞ୍ଜନ ଛନ୍ଦ ପ୍ରମୁଖ କୃଷକ ଅଧିକାର ଯାତ୍ରାକୁ ସ୍ୱାଗତ କରିଥିଲେ ।



ବରଗଡ଼ ଗାନ୍ଧୀଛକରେ ପ୍ରଫୁଲ୍ଲ ସାମନ୍ତରା ଉଦବୋଧନ ଦେଉଛନ୍ତି ।

**ବରଗଡ଼ରେ କୃଷକ ଅଧିକାର ଯାତ୍ରା**

## ଗାଡ଼ି ଧକ୍କାରେ ବାଳକ ମୃତ

ସୋନପୁର,(ନି.ପ୍ର.): ସୋନପୁର ବ୍ଲକ ଖମ୍ବେଶ୍ୱରୀପାଲି ଗାଁରେ ଏକ ଅଜଣା ଗାଡି ଧକ୍କାରେ ନାବାଳକ ମିଳନ(୭)ଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୁବଳୟା ଥାନା କୁଞ୍ଜାମହଲ ଗାଁର ଅରୁଣ ବେହେରାଙ୍କ ପୁଅ । ମିଳନ ମା' ବାପାଙ୍କ ସହିତ ଏକ ବିବାହ ଭୋଜିରେ ଯୋଗ ଦେବା ପାଇଁ ଖମ୍ବେଶ୍ୱରୀପାଲିକୁ ଆସିଥିଲେ । ବୁଧବାର ଗାଁ ଦାଣ୍ଡରେ ଖେଳୁଥିବା ବେଳେ ମିଳନଙ୍କୁ ଏକ ଗାଡି ଧକ୍କା ଦେଇଥିଲା । ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

## ସଂକ୍ଷେପରେ

### ଜିଲା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ଦାବିପତ୍ର

ଉଲୁଣ୍ଡା୧୭।୩(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ସରକାରୀ ଚାକିରି ସର୍ତ୍ତାବଳୀ ଲାଗୁ କରିବା ପାଇଁ ଏକ ଦାବିପତ୍ର ବୁଧବାର ସୁବର୍ଣ୍ଣପୁର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଘ ତରଫରୁ ଅଭିଯୋଗ ହୋଇଛି ଯେ, ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କୁ ସରକାରଙ୍କ ଏନପିଏସ, ଜିଆଇଏସ, ଗ୍ରାଚ୍ୟୁଇଟି, ମୃତ୍ୟୁକାଳୀନ ଅନୁକମ୍ପା ରାଶି ପ୍ରଦାନ କରାଯାଉଛି। ହେଲେ ଏହିସବୁ ଯୋଜନାରୁ ଓଡିଶା ଆଦର୍ଶ ବିଦ୍ୟାଳୟର କର୍ମଚାରୀ ବଞ୍ଚିତ ଅଛନ୍ତି । ଏହାସହିତ କର୍ମଚାରୀମାନଙ୍କର ବିଭିନ୍ନ ସାମାଜିକ ସୁରକ୍ଷା ଦିଗରେ ଦୃଷ୍ଟି ଦିଆଯାଉନାହିଁ । ଏନେଇ ଶିକ୍ଷକ ସଂଘ ତରଫରୁ ଜିଲାପାଳ ମନୀଷା ବାନାର୍ଜୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହାର ଏକକିତା ନକଲ ଆଦର୍ଶ ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟିର ଅଧକ୍ଷଙ୍କୁ ଦିଆଯାଇଛି। ଆଗାମୀ ୧୫ ଦିନ ମଧରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି।

### ଜିଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ଖଡିଆଳ, ୧୭।୩ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳସ୍ଥିତ କଲ୍ୟାଣ ମଣ୍ଡପ-୨ଠାରେ ଜିଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ କଂଗ୍ରେସ କମିଟି ସଭାପତି କପିଳେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦାନ କରିଥିଲେ। ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ମାର୍ଗଦର୍ଶନ ଦେବା ସହ ସରକାରଙ୍କ ବିଫଳତା ଓ ଜନବିରୋଧି ନୀତିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଯୁବ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ଜିଲାର ୫ଟି ବ୍ଲକ ସଭାପତି ଓ ସମସ୍ତ ନଗର କଂଗ୍ରେସ ସଭାପିତ ଯୋଗଦାନ କରିଥିଲେ। ଜିଲା ଯୁବ କଂଗ୍ରେସ ପ୍ରଭାରୀ ଓ ପ୍ରଦେଶ ଯୁବ କଂଗ୍ରେସ ଉପସଭାପତି ବୀରେନ୍ଦ୍ର ବାଗ ଓ ସହ ପ୍ରଭାରୀ ପ୍ରଦେଶ ଯୁବ କଂଗ୍ରେସ କଂଗ୍ରେସ ସମ୍ପାଦକ ମହମ୍ମଦ ସାହେବ ଉପସ୍ଥିତ ଥିଲେ ।

### କୋଭିଡ୍ ଟିକା ନେଲେ ଖଡିଆଳ ରାଜାରାଣୀ

ଖଡିଆଳ, ୧୭।୩ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବରିଷ୍ଠ ନାଗରିକଙ୍କୁ କୋଭିଡ୍ ଟିକା ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ବରିଷ୍ଠ ନାଗରିକ ତଥା ଖଡିଆଳର ରାଜା ସାହେବ ତଥା ଗବେଷକ ଡା. ଜିତାମିତ୍ର ପ୍ରସାଦ ସିଂଦେଓ ଓ ଖଡିଆଳ ରାଣୀ ରାଜଶ୍ରୀ ଦେବୀ କୋଭିଡ୍ ଟିକା ଦେଇଛନ୍ତି । ଟିକା ଗ୍ରହଣ କରି ସାରିବା ପରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଧାଘଣ୍ଟ ବିଶ୍ରାମ ନେବା ପରେ କୌଣସି ପାର୍ଶ୍ୱ ପ୍ରକ୍ରିୟା ନ ଥିବା ପ୍ରକାଶ କରିଛନ୍ତି। ଖଡିଆଳ ଅଞ୍ଚଳର ସମସ୍ତ ବରିଷ୍ଠ ନାଗରିକଙ୍କୁ ଟିକା ନେବାକୁ ଉଭୟ ଆହ୍ୱାନ ଦେଇଛନ୍ତି। ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀଙ୍କ କାର୍ଯ୍ୟକୁ ସେମାନେ ପ୍ରଶଂସା କରିଛନ୍ତି।

### ୫୦ରୁ ଉର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ଆତ୍ମ ନିର୍ଭରଶୀଳ ତାଲିମ

ଖଡିଆଳ, ୧୭।୩ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳସ୍ଥିତ କଲ୍ୟାଣ ମଣ୍ଡପଠାରେ ନୂଆପଡା ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ଖଡିଆଳ, ବୋଡେନ ଓ ସିନାପାଲିର ୫୦ରୁ ଉର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ତାଲିମ ଦିଆଯାଇଛି। ଏହି ତାଲିମ ଶିବିର ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଦିଆଯିବା କାର୍ଯ୍ୟକ୍ରମ ରହିଛି। ଏଥିରେ ପ୍ରଶିକ୍ଷଣ ଯୁବତୀଯୁବକଙ୍କୁ ବିଭିନ୍ନ ବ୍ୟାଙ୍କ ସହ ସଂଯୋଗ ସ୍ଥାପନ କରି ତାଙ୍କୁ ଆତ୍ମନିର୍ଭରଶୀଳ କରିବା ପ୍ରୟାସ କରାଯିବ ବୋଲି ଖଡିଆଳ ଶିଳ୍ପ ପ୍ରକଳ୍ପ ଅଧିକାରୀ ଆନନ୍ଦ କୁମାର ବେହେରା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସରକାରୀ ଆଇଟିଆଇ କଲେଜ ଅଧକ୍ଷ ଏସକେ ହୋତା, ସମ୍ମାନିତ ଅତିଥି ଏକ୍ସିସ୍ ବ୍ୟାଙ୍କ ପରିଚାଳକ ଶରତକାନ୍ତ ସାହୁ, ଶିକ୍ଷାବିତ ରତ୍ନାକର ଠେଲା ପ୍ରମୁଖ ଯୋଗଦେଇ ଅଣୁକ୍ଷୁଦ୍ର ଅଧମ ଉଦ୍ୟାଗ ସ୍ଥାପନ ପାଇଁ ସଚେତନତା ଏବଂ ଉଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ରତ୍ନାକର ଠେଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁରକ୍ଷା ପାଇଁ ଶପଥ ନେଲେ ବନବାସୀ

**କୋକାସରା, ୧୭।୩ (ଡି.ଏନ.ଏ.)**

ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଏବେ ଅବକ୍ଷୟ ମୁହାଁ। ଏହାର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛି ସାହାଜଖୋଲ ସୁରକ୍ଷା ସମିତି। ଜଙ୍ଗଲ ଅବକ୍ଷୟ ସମସ୍ୟା ନେଇ ବୁଧବାର ସାହାଜଖୋଲ ସୁରକ୍ଷା କମିଟି ଆବାହକ ଲାକ୍ଷ୍ମୀକାନ୍ତ ବାଗଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରରେ ନବରଙ୍ଗପୁର ପୂର୍ବତନ ଏମ୍ପି ପର୍ଶୁରାମ ମାଝି, ସାହାଜଖୋଲ ସୁରକ୍ଷା ସମିତି ଅଧକ୍ଷ ଭଜମନ ନାଏକ, ମହିଳା ନେତ୍ରୀ ଜନେକ ନାଏକ, ସତ୍ୟା ଚାଲାନ, ଆମାପାଣି ଜୋନ ଜିଲା ପରିଷଦ ସଭ୍ୟା ହେମାଙ୍ଗୀନି ହଂସ, କୋକସରା ବ୍ଲକ ଅଧକ୍ଷା ସବ୍ୟାରାଣୀ ବାଗ, ଜେମାମଣି ନାଏକଙ୍କ ସମେତ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ। କାଉଡୋଳାରୁ କୋକସରା ପର୍ଯ୍ୟନ୍ତ ପ୍ରାୟ ୫ କି.ମି. ପଦଯାତ୍ରା କରିବା ସହ କୋକସରା ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରି ସାହାଜଖୋଲ ଜଙ୍ଗଲ ସୁରକ୍ଷା ପାଇଁ ଶଥ ନେଇଛନ୍ତି। ଏହାସହ ଜଙ୍ଗଲ ସୁରକ୍ଷା ପାଇଁ ଏକ ଦାବିପତ୍ର କୋକସରା ତହସିଲଦାରଙ୍କ ଅନୁପସ୍ଥିତରେ ଆରଆଇ ସୁପରଭାଇଜର କାର୍ତ୍ତିକ ସୁନାଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି।



ସାହାଜଖୋଲ ସୁରକ୍ଷା ସମିତି ପକ୍ଷରୁ କାଉଡୋଳାରୁ କୋକସରା ପର୍ଯ୍ୟନ୍ତ ବାହାରିଥିବା ପଦଯାତ୍ରା।।

**ସାହାଜଖୋଲ ସଂରକ୍ଷିତ ଜଙ୍ଗଲ**
- ପଦଯାତ୍ରା କରି ଦେଲେ ଚେତାବନୀ
- ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା

ଏହାର ସୁରକ୍ଷା ପ୍ରତି ବନ ବିଭାଗ ଅଧିକାରୀ କିମ୍ବା କର୍ମଚାରୀ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଦରକାର ପଡ଼ିଲେ ବିଧାନସଭାରେ ଯାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।

ସୂଚନା ଯେ, କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅଧୀନରେ ରହିଛି ସାହାଜଖୋଲ ସଂରକ୍ଷିତ ଜଙ୍ଗଲ। ସବୁଜ ବନାନୀ ସହ ମୁଲ୍ୟବାନ ଗଛ ଓ ଜୀବଜନ୍ତୁରେ ଭରି ରହିଥିଲା ଏହି ସଂରକ୍ଷିତ ଜଙ୍ଗଲ। ପ୍ରାୟ ୧୨୭୦୦ ହେକ୍ଟର ପରିମିତ ଏହି ଜଙ୍ଗଲ ଉପରେ ଗତ କିଛିବର୍ଷ ହେବ ଜଙ୍ଗଲ ମାଫିଆଙ୍କ ଦୃଷ୍ଟି ପଡ଼ିଛି। ଜଙ୍ଗଲ ମାଫିଆମାନେ ମୂଲ୍ୟବାନ ଗଛ କାଟିବା ଯୋଗୁ ଏବେ ପଦା ହେବାକୁ ବସିଲାଣି । ଏହି ଜଙ୍ଗଲ ଉପରେ ନିର୍ଭର କରୁଛନ୍ତି କୋକସରା ବ୍ଲକ ଜଙ୍ଗଲ ପାଦଦେଶରେ ଥିବା ପ୍ରାୟ ୩୩ଖଣ୍ଡ ଗାଁର ଲୋକେ। ଗତ କିଛିବର୍ଷ ହେବ ଜଙ୍ଗଲ ମଧ୍ୟରେ ଅନାଧିକୃତ ଭାବେ ବାହାର ଜିଲା ଓ କିଛି ଅନୁପ୍ରବେଶକାରୀ ବନ ବିଭାଗ କିଛି ଅଧିକାରୀଙ୍କ ପ୍ରୋସାହନରେ ହେକ୍ଟର ହେକ୍ଟର ଜଙ୍ଗଲ କାଟି ମକା ଚାଷ ଓ ପୋଡୁଚାଷ କରି ପ୍ରାକୃତିକ ପରିବେଶ ନଷ୍ଟ ହେବା ଦ୍ୱାରା ପଦା ହେବାକୁ ବସିଲାଣି ସବୁଜିମା ଭରାରେ ସାହାଜଖୋଲ ଜଙ୍ଗଲ। ଏବେ ପୁଣି ଖରା ଦିନେ ମଣିଷକୃତ ହେଉ ଅବା ଅନ୍ୟ କୌଣସି କାରଣରୁ ଜଙ୍ଗଲରେ ନିଆଁ ଲାଗି ନଷ୍ଟ ହେଉଛି ଜଙ୍ଗଲ। ଆଗାମୀ ଦିନରେ ଜଙ୍ଗଲ ସୁରକ୍ଷା କରା ନ ଯାଏ ତାହେଲେ ପଡ଼ିଆରେ ପରିଣତ ହେବାକୁ ଆଉ ବେଶି ବର୍ଷ ଲାଗିବନି । ଜଙ୍ଗଲ କ୍ଷୟ ଓ ଖରାରେ ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ଦିନକୁ ଦିନ ଜଙ୍ଗଲ ନଷ୍ଟ ଯୋଗୁ ଗାଁ ମୁହାଁ ହେଉଛନ୍ତି ବନ୍ୟ ଜୀବଜନ୍ତୁ। ଜଙ୍ଗଲ ପାର୍ଶ୍ୱବର୍ତ୍ତି ଗାଁକୁ ଜଙ୍ଗଲି ଜୀବଜନ୍ତୁ ଆସି ଉତ୍ପାତ କରିବାରୁଲୋକେଆତଙ୍କିତହୋଇପଡୁଛନ୍ତି।

# ଖଡ଼ିଆଳ ସହରରେ ଆୟକର ବିଭାଗ ଚଢ଼ାଉ

**ଖଡିଆଳ, ୧୭।୩ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସହର ଦୁଇଟି ସ୍ଥାନ ରଶ୍ମି ଅଟୋ ମୋବାଇଲ୍ସ ଏବଂ ଲକ୍ଷ୍ମୀ ସେଲ୍ସରେ ଆୟକର ବିଭାଗ ଚଢ଼ାଉ କରିଛି। ଏଥିରେ ପ୍ରାୟ ୧ କୋଟିର ଟିକସ ଫାଙ୍କି ଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରଥମେ ଭବାନୀପାଟଣା ଏନଫୋର୍ସମେଣ୍ଟ ଟିମ ଖଡିଆଳସ୍ଥିତ ରଶ୍ମି ଅଟୋ ମୋବାଇଲ ଏବଂ ପରେ ନୂଆପଡା ଏନଫୋର୍ସମେଣ୍ଟ ଟିମ ଲକ୍ଷ୍ମୀ ସେଲ୍ସରେ ଚଢ଼ାଉ କରିଥିଲେ । ଲକ୍ଷ୍ମୀ ସେଲ୍ସରେ କେବଳ ୧ କୋଟି ଟଙ୍କାର ଟିକସ ଫାଙ୍କି ହୋଇଥିବା ବେଳେ କମ୍ପ୍ୟୁଟର ଏବଂ ବିଭିନ୍ନ କାଗଜାତ ଜବତ କରି ତଦନ୍ତ ଚାଲୁ ରହିଛି। ରଶ୍ମି ଅଟୋମୋବାଇଲ୍ସରେ ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଉଥିବା ସୂଚନା ମିଳିଛି। ଚଢ଼ାଉରେ ନୂଆପଡା ୟୁନିଟର ଡେପୁଟି କମିଶନର ପ୍ରିୟବ୍ରତ ଗଡତିଆ, ରାଜ୍ୟକର ବିଭାଗ ଅଧିକାରୀ ସୁଶିଲ କୁମାର ଖାଲକୋ, ଅତିରିକ୍ତ ରାଜ୍ୟକର ଅଧିକାରୀ ସୁଜିତ କୁମାର ପଣ୍ଡା ଓ କଳାହାଣ୍ଡି ରେଞ୍ଜର ରାଜ୍ୟ ଅଧିକାରୀ ନିଳାଦ୍ରୀ ବିହାରୀ ଦାଢ଼ିଆ ଓ ଭବାନୀଶଙ୍କର ପଟେଲ, ମମିତା ପୂଜାରୀ ଏବଂ ଏଆରପି ଫୋର୍ସ ସାମିଲ ଥିଲେ ।


ଆୟକର ବିଭାଗ କାଗଜାତ ଜବତ କରି ତଦନ୍ତ କରୁଛି ।

# ଟଙ୍କା ଲୁଟ୍ ଘଟଣା: ଅସୁରକ୍ଷିତ ଭାବେ ବାଇକ୍‌ରେ ଯାଉଥିଲା ଟଙ୍କା

**ସୋନପୁର, ୧୭।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବାଘଲପୁର-ବିଶିପଡା ରାସ୍ତାରେ ବୁଧବାର ବନ୍ଧୁକ ଭୟ ଦେଖାଇ ୨ ଜଣ ବ୍ୟକ୍ତିଙ୍କ ଠାରୁ ୨୧ ଲକ୍ଷ ଟଙ୍କା ଲୁଟ ହୋଇଛି । ଠିକା ସଂସ୍ଥା ରାଇଟର ସେଫ୍ ଗାର୍ଡର ଏକ୍‌ଜିକ୍ୟୁଟିଭ୍ ଏଟିଏମଓ ସୁଧାଂଶୁ ପଧାନ ଓ ସୁନିଲ ମହାରଣା ଏହି ଟଙ୍କା ଧରି ଏଟିଏମ୍‌ରେ ଭରିବାକୁ ଯାଉଥିଲେ। ତେବେ ଏହି ଲୁଟ୍ ଘଟଣାରେ ଠିକା ସଂସ୍ଥା ରାଇଟର ସେଫ୍ ଗାର୍ଡ ଓ ବ୍ୟାଙ୍କର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି । କାରଣ ଟଙ୍କା କ୍ୟାସ ଭ୍ୟାନ୍‌ରେ ଗନ୍ ମ୍ୟାନ୍‌ଙ୍କ ଉପସ୍ଥିତିରେ ହିଁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାର ନିୟମ ଅଛି । କିନ୍ତୁ ଏଠାରେ ଅସୁରକ୍ଷିତ ଭାବେ ବାଇକ୍ ଆରୋହୀ ଏୟାର ବ୍ୟାଗ୍‌ରେ ହିଁ ଟଙ୍କା ନେଉଥିଲେ। ଠିକା ସଂସ୍ଥା ଏ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ବ୍ୟାଙ୍କ ଅଫ ବରୋଦାର ଶାଖା ପରିଚାଳକ ପ୍ରତାପ ମେହେରଙ୍କୁ ପଚାରିବାରୁ ଏଟିଏମ୍‌ରେ ଟଙ୍କା ଭରିବାର ଦାୟିତ୍ୱ ଏଜେନ୍ସିକୁ ଦିଆଯାଇଛି। ସୁରକ୍ଷା ଦାୟିତ୍ୱ ସମ୍ପୃକ୍ତ ଏଜେନ୍ସିର। ଅନ୍ୟପକ୍ଷେ ଟଙ୍କା ଲୁଟ୍ ହୋଇଥିବା ସମ୍ପର୍କରେ ଏ ପର୍ଯ୍ୟନ୍ତ ତାଙ୍କ ନିକଟରେ କିଛି ସୂଚନା ନ ଥିବା କହିଥିଲେ।


ଠିକା ସଂସ୍ଥାର କର୍ମଚାରୀ ସୁଧାଂଶୁ ଓ ସୁନିଲ।

# ରକ୍ତାକ୍ତ ମୃତଦେହ ଜବତ, ଜଣେ ଅଟକ

**ମଦନପୁର/ରିଷିଡ଼ା, ୧୭।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ଥାନା ଅଧୀନ ମଦନପୁର ଆଶ୍ରମ ସ୍କୁଲ ଛକ ନିକଟରେ ବୁଧବାର ଯୁବକଙ୍କ ରକ୍ତାକ୍ତ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ରିଷିଡା ଗ୍ରାମର ଯୁବ ବ୍ୟବସାୟୀ ରୁପେଶ ଅଗ୍ରୱାଲ (୩୬)। ମୃତକଙ୍କ ବଡଭାଇ ନରେଶ ଅଗ୍ରୱାଲ ମ.ରାମପୁର ଥାନାରେ ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ମ.ରାମପୁର ଥାନାରେ ଦଫା ୩୦୨, ୩୪ରେ ଏକ ମାମଲା (ନଂ.୫୭/୨୦୨୧) ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ରୁପେଶଙ୍କୁ ହତ୍ୟା କରି ମୁଖ୍ୟ ରାସ୍ତାରେ ପକାଇ ଦେଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। କେସିଙ୍ଗା ଏସ.ଡି.ପି.ଓ ଏସ୍ ସୁଶ୍ରୀ, ଥାନାଧିକାରୀ ଜୟଦେବ ତାରିଣୀ, ରିଷିଡା ଫାଣ୍ଡି ଅଧିକାରୀ କ୍ଷୀରସିନ୍ଧୁ ମାଝି ସଦଳବଳେ ପହଞ୍ଚିଥିଲେ। ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଇଛି। ରୁପେଶଙ୍କ ଛାତିରେ ମାଡ ହୋଇ ମୁହଁ, ନାକରେ ପ୍ରଚୁର ରକ୍ତସ୍ରାବ ହୋଇଛି। ରାସ୍ତା ଅପରପାର୍ଶ୍ୱରେ ମୃତକଙ୍କ ଗାମୁଛା, ଚପଲ ଓ ଜାକେଟ ପଡିଥିବା ଦେଖିବାକୁ ମିଳିଛି। ଶବ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ଜଳଛାୟା ପ୍ରକଳ୍ପ ଅଫିସ ଆଗରେ ଧାରଣା

**ବୌଦ୍ଧ,୧୭।୩(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଆମ୍ବ ଚାଷରେ ଦୁର୍ନୀତି ହୋଇଥିବା ନେଇ ଚାଷୀମାନେ ଅଭିଯୋଗ କରିବା ସହ ବୁଧବାର ଜଳଛାୟା ପ୍ରକଳ୍ପ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି । ହରଭଙ୍ଗା ବ୍ଲକ ଅଧୀନ ଶଙ୍କୁଲୋଇ ପଞ୍ଚାୟତ ରାଉତପଡା ଗ୍ରାମର ୧୧ ଜଣ ଚାଷୀ ୨୦୧୮-୧୯ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଆମ୍ବ ଚାଷ କରିଥିଲେ। କିନ୍ତୁ ମୃର୍ତ୍ତିକା ସଂରକ୍ଷଣ ଅଧିକାରୀ ଚାଷୀଙ୍କୁ ଟଙ୍କା ନ ଦେଇ ଜଣେ ଦଲାଲଙ୍କୁ ଟଙ୍କା ଦେଇଥିବା ନେଇ ଚାଷୀମାନେ ଅଭିଯୋଗ କରିବା ସହ କାର୍ଯ୍ୟାଳୟ ଗେଟ ସମ୍ମୁଖରେ ଧାରଣାରେ ବସିଥିଲେ । ଚାଷୀମାନେ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ବିଭାଗୀୟ କର୍ମଚାରୀମାନେ ଚାଷୀଙ୍କୁ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଓହରି ଯାଇଥିଲେ। ଏ ନେଇ ବୌଦ୍ଧ ଜଳଛାୟା ପ୍ରକଳ୍ପ ଅଧିକାରୀ ରାଘବ ମଲିକଙ୍କୁ ପଚାରିବାରେ ଏମଜିଏନଆରଇଜିଏସ ଆକାଉଣ୍ଟରେ ଟଙ୍କା ନାହିଁ, ବିଲ୍ ଅପଲୋଡ ହୋଇଛି। ଟଙ୍କା ଆସିଲେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଦିଆଯିବ ବୋଲି କହିଥିଲେ ।

# ଉଦ୍ୟାନ ବିଭାଗରେ ଆଦିତ୍ୟଙ୍କୁ କୃତୀ କୃଷକ ସମ୍ମାନ

**କୁନାଗଡ, ୧୭।୩ (ଡି.ଏନ.ଏ.):** ଓଡ଼ିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡିଆଠାରେ ସୋମବାରଠାରୁ କୃଷି ମହୋତ୍ସବ 'କୃଷି ଓଡ଼ିଶା-୨୦୨୧' ଆରମ୍ଭ ହୋଇଛି। ଉତ୍ସବର ଦ୍ୱିତୀୟ ଦିବସରେ କଳାହାଣ୍ଡି ଜିଲା କୁନାଗଡ ବ୍ଲକ ଚାରବାହାଲ ପଞ୍ଚାୟତ ଧନେର ଗ୍ରାମର ଆଦିତ୍ୟ କୁମାର ସାହୁଙ୍କୁ ଉଦ୍ୟାନ କୃଷି କ୍ଷେତ୍ରରେ ଉତ୍କର୍ଷ ପାଇଁ 'କୃତୀ କୃଷକ' ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କୁ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହି ସଫଳତା ପରେ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ଗତ କିଛି ମାସ ତଳେ ରାଜ୍ୟ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ କଳାହାଣ୍ଡିକୁ ଗସ୍ତ ସମୟରେ ଆଦିତ୍ୟଙ୍କୁ ସାକ୍ଷାତ କରିବା ସହ ତାଙ୍କୁ ଚାଷ ପାଇଁ ଉତ୍ସାହିତ କରିଥିଲେ।


ଆଦିତ୍ୟଙ୍କୁ ମନ୍ତ୍ରୀ ମାନପତ୍ର ପ୍ରଦାନ କରୁଛନ୍ତି।

# ୧୩୦ ଶିଶୁଙ୍କୁ ମିଳିଲା ଶ୍ରବଣ ବାଧିତ ଯନ୍ତ୍ର



ଶିଶୁମାନଙ୍କୁ ଶ୍ରବଣ ବାଧିତ ଯନ୍ତ୍ର ପ୍ରଦାନ କରାଯାଉଛି ।

**ବରଗଡ଼ ଅଫିସ୍,୧୭।୩**

ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ) ପକ୍ଷରୁ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ରହିଥିବା ଜିଲା ସହଳ କେନ୍ଦ୍ରଠାରେ ଶ୍ରବଣ ସମସ୍ୟା ରହିଥିବା ଶିଶୁମାନଙ୍କୁ ଶ୍ରବଣ ବାଧିତ ଯନ୍ତ୍ର ପ୍ରଦାନ କରାଯାଇଛି। ଗତ ୧୫ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ବୁଧବାର ସୁଦ୍ଧା ୧୩୦ଜଣ ଶିଶୁଙ୍କୁ ୨୬୦ଟି ଶ୍ରବଣ ବାଧିତ ଯନ୍ତ୍ର ପ୍ରଦାନ କରାଯାଇଛି। ଗୁରୁବାର ଜିଲାର ୨୦୦ଜଣ ତାଲିକାଭୁକ୍ତ ଶିଶୁଙ୍କୁ ଏହି ଯନ୍ତ୍ର ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି । ମାଗଣାରେ ଏହି ଯନ୍ତ୍ର ପ୍ରଦାନ କରାଯାଉଥିବା ଯୋଗୁ ଏହାର ସୁଯୋଗ ନେବା ପାଇଁ ଆରବିଏସକେ ବରଗଡ଼ ମ୍ୟାନେଜର ରାକେଶ ମହାପାତ୍ର ସୂଚନା ଦେଇଛନ୍ତି ।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

**ନୂଆପଡ଼ା ଅଫିସ,୧୭।୩**

ନୂଆପଡା ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ସଦଭାବନା ଗୃହରେ ଜିଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଷୀ, ଅତିରିକ୍ତ ଜିଲାପାଳ ନୂଆପଡା ଅଗସ୍ତି ପ୍ରଧାନ, କଳାହାଣ୍ଡି ଏମ୍ପି ପ୍ରତିନିଧି ହୋମସିଂ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଜରୁରିକାଳିନ ଅଧିକାରୀ ସୁରେନ୍ଦ୍ର ସାହୁ ପରିଚାଳନା କରିଥିଲେ। ଗ୍ରୀଷ୍ମ ପ୍ରବାହ ବଢୁଥିବାରୁ ଆସନ୍ତା ଏପ୍ରିଲଠାରୁ ଜିଲାର ସବୁ ବ୍ଲକରେ ଜଳଛତ୍ର ଖୋଲିବା ପାଇଁ ଜିଲାପାଳ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ଯେଉଁ ସ୍ଥାନରେ ପାଣି ସମସ୍ୟା ରହିଛି, ସେଠାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରିବାକୁ କୁହାଯାଇଛି। ବହୁ ପରିମାଣ ଓଆରଏସ ଏବଂ ଆବଶ୍ୟକ ଔଷଧ ଜିଲାର ପ୍ରତି ଅଙ୍ଗନୱାଡି କେନ୍ଦ୍ରରେ ଦେବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ପ୍ରତି ବ୍ଲକରେ ଅଂଶୁଘାତ କେନ୍ଦ୍ର ଖୋଲିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଶ୍ରମିକମାନଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ନୂଆପଡା ଉପଜିଲାପାଳ ତରୁଣୀସେନ ନାଏକ, ଜିଲା ପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସିଡିଏମଓ କାଳୀଚରଣ ବେହେରା, ଖରିଆର ରୋଡ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କର୍ଣ୍ଣ ସୁନା, ନୂଆପଡା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ଓ ୫ଟି ବ୍ଲକର ବିଡିଓ, ତହସିଲଦାର ଏବଂ ୩ଟି ଏନଏସି ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ସଦଭାବନା ଗୃହରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପ୍ରଶାସିନକ ଅଧିକାରୀ।

# ତ୍ୱରିତ ସେବା ଯୋଗାଇଦେବାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୧୭।୩**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବୁଧବାର ଜିଲା ସ୍ୱାସ୍ଥ୍ୟ ସମିତି କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱାସ୍ଥ୍ୟସେବାର ବିଭିନ୍ନ ଯୋଜନା କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇଥିଲା। ଜନସାଧାରଣଙ୍କ ପାଖକୁ ଯେଭଳି ପ୍ରତ୍ୟେକ ସେବା ଠିକ୍‌ଭାବେ ପହଞ୍ଚି ପାରିବ ତାହା ଉପରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସାହୁ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚସି), ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି)ର ଆବଶ୍ୟକ ମରାମତି, ରଙ୍ଗ, ପ୍ରାଚୀର, କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିବା ସହିତ ରେଗୀମାନଙ୍କୁ ଉଚିତ୍ ବ୍ୟବହାର ପ୍ରଦର୍ଶନ ଉପରେ ପରାମର୍ଶ ଦେଇଥିଲେ। ଇତିମଧ୍ୟରେ ପଦ୍ମପୁର ପାଇଁ ଅଲଟ୍ରାସାଉଣ୍ଡ ମେଶିନ କିଣା ହୋଇଥିବା ନେଇ ସୂଚନା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଯୋଜନାରେ ପ୍ରତି ସିଏଚସିରେ ମା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରସୂତୀ ଉପରେ ଗୁରୁତ୍ୱ ଦିଆଯାଇ ଥିବାବେଳେ ବିଭିନ୍ନ ରୋଗରେ ରାଜ୍ୟ, ରାଜ୍ୟ ବାହାର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇ



ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲା ସ୍ୱାସ୍ଥ୍ୟ ସମିତିର ବୈଠକ ।

- ଜିଲା ସ୍ୱାସ୍ଥ୍ୟ ସମିତି କାର୍ଯ୍ୟକାରିଣୀ ବୈଠକ
- ଟେଲି ମେଡ଼ିସିନ ସେବା ଆରମ୍ଭ
- ୩୮ ହଜାର ୨୭୫ଙ୍କୁ କୋଭିଡ୍ ଟିକା

ନିଃଶୁଳ୍କ ଚିକିତ୍ସା ସେବା ୧୫୧ଜଣ ରୋଗୀଙ୍କୁ ପ୍ରଦାନ କରାଯାଇଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ।

କୁଷ୍ଠରୋଗୀମାନଙ୍କୁ ଆଶାକର୍ମୀଙ୍କ ସହାୟତାରେ ଚିହ୍ନଟ କରାଯାଇ ଔଷଧ ଖୁଆଇବା ଉପରେ ଗୁରୁତ୍ୱ ଦିଆଯାଉଥିଲା। ଯକ୍ଷ୍ମାରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ଖାଇବା ପାଇଁ ୫୦୦ ଟଙ୍କା ହିସାବରେ ୧୨୪୭ ରୋଗୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିବା ନେଇ ସୂଚନା ଦିଆଯାଇଥିଲା । ମାର୍ଚ୍ଚ ୧୦ତାରିଖରୁ ଜିଲାରେ ଟେଲି ମେଡ଼ିସିନ ପରାମର୍ଶ କେନ୍ଦ୍ର ଚାଲୁ କରାଯାଇଛି । ସୋମବାର ଶିଶୁରୋଗ ବିଶେଷଜ୍ଞ, ଗୁରୁବାର ଭେଷଜ ବିଶେଷଜ୍ଞ ଏବଂ ଶୁକ୍ରବାର ଅନ୍ୟାନ୍ୟ ରୋଗ ସମ୍ବନ୍ଧରେ ବିଶେଷଜ୍ଞମାନଙ୍କୁ ଫୋନ କରି ଚିକିତ୍ସା ପରାମର୍ଶ ପାଇ ପାରିବେ ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। କୋଭିଡ୍ ଟିକାକରଣର ପ୍ରଥମ ପର୍ଯ୍ୟାୟରେ ୧୦, ୧୩୩ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଥମ ଏବଂ ୮୪୩୧ଜଣଙ୍କୁ ଦ୍ୱିତୀୟ ଡୋଜ୍ ଦିଆଯାଇଥିବା ସୂଚନା ଦିଆଯାଇଥିଲା । ସେହିପରି ଆଗଧାଡ଼ିରେ କାର୍ଯ୍ୟ କରୁଥିବା ଅଧିକାରୀ, କର୍ମଚାରୀମାନଙ୍କ ମଧ୍ୟରୁ ୪୨୧୩ ଜଣଙ୍କୁ ପ୍ରଥମ ଡୋଜ୍ ଦିଆଯାଇ ଥିବାବେଳେ ୨୮୭୫ଜଣ ଦ୍ୱିତୀୟ ଡୋଜ୍ ପାଇଛନ୍ତି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ମାର୍ଚ୍ଚ ୧ତାରିଖରୁ ଆରମ୍ଭ ହୋଇଥିବା ତୃତୀୟ ପର୍ଯ୍ୟାୟରେ ବରିଷ୍ଠ ନାଗରିକମାନଙ୍କୁ କୋଭିଡ୍ ଟିକା ପ୍ରଦାନ ଆରମ୍ଭ ହୋଇଥିବାବେଳେ ଏପର୍ଯ୍ୟନ୍ତ ଜିଲାରେ ସମୁଦାୟ ୩୮ହଜାର ୨୭୫ଜଣଙ୍କୁ କୋଭିଡ୍ ଟିକା ଦିଆ ସରିଥିବା ସୂଚନା ଦିଆଯାଇଥିଲା। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।